


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୭୨ ● ୧୨ ଅପ୍ରେଲ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-72 ● 12th April 2026, Sunday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27




### ଶେଷ ହେଲା ଦ୍ୱିତୀୟ ପର୍ଯ୍ୟାୟ ବାହାର ରତ୍ନଭଣ୍ଡାର ଗଣତିମଣତି

# ସୋମବାରରୁ ଭିତର ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି

**ପୁରୀ, ୧୧।୪**
**ନ୍ୟୁଜ୍ ବ୍ୟୁରୋ**

ଶେଷ ହୋଇଛି ଦ୍ୱିତୀୟ ପର୍ଯ୍ୟାୟ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ଗଣତିମଣତି । ୪ଦିନ ଧରି ଚାଲିଥିଲା ବାହାର ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି । ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ। ସେ କହିଛନ୍ତି ଆସନ୍ତା ସୋମବାର ଠାରୁ ଆରମ୍ଭ ହେବ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ।



ଶନିବାର ରତ୍ନଭଣ୍ଡାର ଗଣତିମଣତି ଟିମ୍‌ର ସଦସ୍ୟ ମାନେ ମହାପ୍ରଭୁଙ୍କ ସକାଳ ଧୂପ ନୀତି ସରିବା ପରେ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରରେ ପ୍ରବେଶ କରିଥିଲେ। ପ୍ରତ୍ୟେକ ରତ୍ନ ଅଳଙ୍କାରକୁ ଚିହ୍ନଟ କରିବା, ଓଜନ ନିର୍ଣ୍ଣୟ କରିବା ଏବଂ କେଉଁ ରତ୍ନରେ ଅଳଙ୍କାର ତିଆରି ହୋଇଛି ତାହାର ଚିହ୍ନଟ ପାଇଁ ରତ୍ନ ଅଳଙ୍କାର ବିଶେଷଜ୍ଞମାନେ ଅତ୍ୟାଧୁନିକ ମେସିନ ମାଧ୍ୟମରେ ସମସ୍ତ ରତ୍ନ ଅଳଙ୍କାରକୁ ଚିହ୍ନଟ କରିଛନ୍ତି । ସମସ୍ତ ରତ୍ନ ଅଳଙ୍କାରର ଥ୍ରୀଡି ସ୍କାନିଂ କରାଯାଇଥିବା ବେଳେ ଏହାକୁ ଏକ ଡିଜିଟାଲ କ୍ୟାଟଲକ କରାଯିବ। ଯାହାଫଳରେ ଆଗାମୀ ଦିନରେ ରତ୍ନ ଅଳଙ୍କାର ଗଣତିମଣତି କାର୍ଯ୍ୟ ବେଳେ ପ୍ରଶାସନକୁ ଅଧିକ ସହଜ ହେବା ସହ ଖୁବ୍ କମ୍ ସମୟରେ ଗଣତିମଣତି କାର୍ଯ୍ୟ ହୋଇପାରିବ।

ଡିଜିଟାଲ ଫଟୋଗ୍ରାଫି ମାଧ୍ୟମରେ ସମସ୍ତ ରତ୍ନ ଅଳଙ୍କାର *(ପୃଷ୍ଠା ୭ରେ)*

### ଲାଗିପାରେ ଯୁଦ୍ଧରେ ବ୍ରେକ୍

# ଆମେରିକା-ଇରାନ ଶାନ୍ତି ଆଲୋଚନା

**ଇସଲାମାବାଦ, ୧୧।୪**

ପାକିସ୍ତାନରେ ବିଧିବଦ୍ଧ ଭାବେ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଆରମ୍ଭ ହୋଇଛି । ଅନେକ କିଛି ମତ ଭେଦ ଓ ପୂର୍ବ ସର୍ତ୍ତକୁ ନେଇ ଦୁଇ ଦେଶ ମଧ୍ୟରେ ସହମତି ପ୍ରକାଶ ପାଇ ନଥିବାରୁ ଧାର୍ଯ୍ୟ ସମୟରେ ଆଲୋଚନା ଆରମ୍ଭ ହୋଇ ପାରି ନଥିଲା । ଧାର୍ଯ୍ୟ ସମୟର ପ୍ରାୟ ୫ ଘଣ୍ଟା ପରେ ଶାନ୍ତି ଆଲୋଚନା ଆରମ୍ଭ ହୋଇଛି ।

ଏକଥାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇରାନୀୟ ମିଡିଆ ପକ୍ଷରୁ ନିଶ୍ଚିତ କରାଯାଇଛି । ଶାନ୍ତି ଆଲୋଚନାରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ମଧ୍ୟ ଉପସ୍ଥିତ ଥିଲେ । ଏବେ ପାକିସ୍ତାନ-ଇରାନ-ଆମେରିକା ମଧ୍ୟରେ ଆଲୋଚନା ଚାଲିଥିବା ଜଣାପଡ଼ିଛି । ୩ ପକ୍ଷ ସାମ୍ନାସାମ୍ନି ହୋଇ କଥା ହେଉଛନ୍ତି । ପାକିସ୍ତାନ ସେନାଧ୍ୟକ୍ଷ ଆସିମ ମୁନିର ମଧ୍ୟ ଏହି ଶାନ୍ତି ବୈଠକରେ ଉପସ୍ଥିତ ରହିଛନ୍ତି ।



ଆଲୋଚନା ଆରମ୍ଭ ହୋଇଥିବା ଖବରକୁ ଟ୍ରମ୍ପ ନିଶ୍ଚିତ କରିଥିବା ବେଳେ ଇରାନକୁ ନାଲି ଆଖି ଦେଖାଇବା ପାଇଁ ମଧ୍ୟ ସେ ପଛାଇ ନାହାନ୍ତି । ଆଲୋଚନାର ଫଳାଫଳ କ'ଣ ତା'କୁ ନେଇ ଟ୍ରମ୍ପ ନିଶ୍ଚିତ ନଥିବା ସ୍ପଷ୍ଟ କରିଛନ୍ତି ।

ବୁଝାମଣାର କେଉଁ ରୂପ ନେବ, ସେକଥା ତାଙ୍କୁ ଜଣା ନାହିଁ । ଇରାନ ମନରେ କ'ଣ ସବୁ ଚାଲିଛି ସେକଥା ଖୁବକମ ସମୟ ମଧ୍ୟରେ ଜଣାପଡ଼ିଯିବ ବୋଲି ମଧ୍ୟ ଟ୍ରମ୍ପ କହିଛନ୍ତି । ତାଙ୍କ କହିବା କଥା ଷ୍ଟ୍ରେଟ ଅଫ ହର୍ମୁଜ ଖୁବଶୀଘ୍ର ଖୋଲିବ *(ପୃଷ୍ଠା ୭ରେ)*

## ଗଠନ ହେବ ପାନୀୟ ଜଳ ନିଗମ

**ଭୁବନେଶ୍ୱର, ୧୧।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ପାନୀୟ ଜଳ ନିଗମ ଗଠନ ହେବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏ ସମ୍ପର୍କରେ ଓଡ଼ିଶାର ଏକ ଟିମ୍ ଖୁବ୍ ଶୀଘ୍ର ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ଗସ୍ତ କରିବ । ସେଠାରେ ଓଡ଼ିଶା ଟିମ୍ ନିଗମର ରୂପରେଖ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ମଥୁରା ଡଙ୍ଗା ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ୧୧କୁ ବୃଦ୍ଧି, ସାତ ଜଣ ଏବେବି ନିଖୋଜ ।
- ବିହାରରେ ସରକାରୀ ଡାକ୍ତରଙ୍କ ଘରୋଇ ପ୍ରାକ୍ଟିସ ଉପରେ କଟକଣା ।
- ମହାରାଷ୍ଟ୍ରର ତିନୋଟି ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ।
- ମଣିପୁରରେ କୁକି ଓ ନଗା ଉଗ୍ରବାଦୀ ସଂଗଠନ ମୁହାଁମୁହିଁ, ବିଏସଏଫ ଯବାନଙ୍କ ମୃତ୍ୟୁ ।

### ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ରାଜ୍ୟରେ ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି




**ଭୁବନେଶ୍ୱର/କେନ୍ଦୁଝର, ୧୧।୪**
**ନ୍ୟୁଜ୍ ବ୍ୟୁରୋ**

ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନାହିଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି, ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋଦାପଲାସାସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଅନେକ *(ପୃଷ୍ଠା ୭ରେ)*

# ମହାନଦୀ ଜଳ ବିବାଦ : ୨୦ରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି

**ଭୁବନେଶ୍ୱର, ୧୧।୪**
**ନ୍ୟୁଜ୍ ବ୍ୟୁରୋ**

ମହାନଦୀ ଟ୍ରିବ୍ୟୁନାଲ ଶୁଣାଣିକୁ ନେଇ ଆଡଭୋକେଟ୍ ଜେନେରାଲ (ଏଜି) ପୀତାମ୍ବର ଆଚାର୍ଯ୍ୟ ପ୍ରତିକ୍ରିୟା ରଖି କହିଛନ୍ତି ଯେ କ୍ଷେତ୍ର ପରିଦର୍ଶନ ରିପୋର୍ଟକୁ ଶୁଣାଣିରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୨୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ଅଗଷ୍ଟ ୨୦୨୫ରୁ ଦୁଇ ରାଜ୍ୟ ବୈଷୟିକ ଟିମର ୧୩ଥର ବୈଠକ ହୋଇଛି । ମହାନଦୀରେ କେତେ ଜଳ ପ୍ରବାହିତ ହୋଇଛି, ଆନୁମାନିକ ବାହାର କରାଯାଇଛି । ଦୁଇ ରାଜ୍ୟର ଟେକ୍ନିକାଲ ଟିମ୍ ସମ୍ପୂର୍ଣ୍ଣ ଜଳ ରାଶିକୁ ହିସାବ କରିଛନ୍ତି । ଶ୍ରୀ ଆଚାର୍ଯ୍ୟ ଏହାର ତଥ୍ୟ ଟ୍ରିବ୍ୟୁନାଲରେ ରଖିଥିଲେ । ଆପୋଷ ବୁଝାମଣା ନେଇ ଆଲୋଚନା ସଫଳତାର ସହ ଆଗକୁ ବଢ଼ିଛି । ମୁଖ୍ୟ ସଚିବ ଓ ସଚିବସ୍ତରୀୟ ମିଟିଂରେ ଅନେକ ବିବାଦୀୟ ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି । ଇବ ଏବଂ ତେଲ ନଦୀରେ ପ୍ରକଳ୍ପ ପ୍ରସ୍ତାବ ସିଡବ୍ଲୁସିରେ ପଡ଼ିରହିଛି । କ୍ଲିୟର ନେଇ ନିର୍ଦ୍ଦେଶ ଦେବାକୁ ଟ୍ରିବ୍ୟୁନାଲକୁ ଅପିଲ କରିଛନ୍ତି ଏଜି ।



ମହାନଦୀ ଜଳ ବିବାଦ ନେଇ ଟ୍ରିବ୍ୟୁନାଲଙ୍କ ଅବଧି ବୃଦ୍ଧିକୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ସେ କହିଛନ୍ତି ଯେ ଟ୍ରିବ୍ୟୁନାଲଙ୍କ ଅବଧି ବୃଦ୍ଧି ନେଇ ରାଜ୍ୟ ସରକାର ଅନୁରୋଧ କରିଥିଲେ । ଟ୍ରିବ୍ୟୁନାଲର ଅବଧି ଆସନ୍ତା ଜାନୁୟାରୀ ଯାଏଁ ବୃଦ୍ଧି କରାଯାଇଛି, ଯାହା ସ୍ୱାଗତ ଯୋଗ୍ୟ । ଜଳବିବାଦ ନେଇ ପୂର୍ବରୁ ଆଇନଗତ ଦିଗକୁ କରାଯାଉଥିଲା । ବର୍ତ୍ତମାନ ଟ୍ରିବ୍ୟୁନାଲ ଆପୋଷ ବୁଝାମଣା ପାଇଁ ଉଦ୍ୟମ କରୁଛନ୍ତି । ସେଥିପାଇଁ ଆଉ କିଛି ସମୟ ଆବଶ୍ୟକତା ଥିଲା ତାହା ମଧ୍ୟ ମିଳିଛି । ପୂର୍ଣ୍ଣ ବିଶ୍ୱାସ ଅଛି ଯେଉଁ ସମସ୍ୟା ଥିଲା ତାର ସମାଧାନ ହୋଇପାରିବ ।

# ଡିଜେଲ ଓ ବିମାନ ଇନ୍ଧନ ଉପରେ ଟ୍ୟାକ୍ସ ବଢ଼ାଇଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୧୧।୪**

କେନ୍ଦ୍ର ସରକାର ଡିଜେଲ ଏବଂ ବିମାନ ଇନ୍ଧନ ଉପରେ ଟିକସ ବଢ଼ାଇଛନ୍ତି । ବିଶେଷ କରି ରପ୍ତାନୀ ଶୁଳ୍କରେ ହୋଇଥିବା ଏହି ବୃଦ୍ଧି ତୈଳ କମ୍ପାନୀଗୁଡ଼ିକ ଉପରେ ବଡ଼ ପ୍ରଭାବ ପକାଇବ । ରାଜସ୍ୱ ବୃଦ୍ଧି ଏବଂ ଆର୍ଥିକ ଚାପକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି ।

କେନ୍ଦ୍ର ସରକାରଙ୍କ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଜାରୀ ବିଜ୍ଞପ୍ତି ଅନୁସାରେ ଡିଜେଲ ଉପରେ ରପ୍ତାନୀ ଶୁଳ୍କ ଲିଟର ପିଛା ୫୫.୫ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ହାଇ-ସ୍ପିଡ୍ ଡିଜେଲ ଉପରେ ଏହା ୨୪ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ବିମାନ ଇନ୍ଧନ ଉପରେ ଏହା ୨୯.୫ ଟଙ୍କାରୁ ବଢ଼ି ୪୨ ଟଙ୍କା ହୋଇଛି । ତେବେ ପେଟ୍ରୋଲ ରପ୍ତାନୀ ଶୁଳ୍କରେ କୌଣସି ପରିବର୍ତ୍ତନ ହୋଇନାହିଁ, ଏହା ପୂର୍ବପରି ଶୂନ୍ୟ ରହିଛି ।

ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଏହି ନୂଆ ଦର ଏପ୍ରିଲ ୧ ତାରିଖରୁ ତତ୍କାଳ ଭାବେ ଲାଗୁ କରାଯାଇଛି । ସରକାରଙ୍କ ଏହି ପଦକ୍ଷେପ ଘରୋଇ ବଜାରରେ ତୈଳ ଯୋଗାଣ ବଜାୟ ରଖିବା ଏବଂ ରପ୍ତାନୀରୁ ଅଧିକ *(ପୃଷ୍ଠା ୭ରେ)*

# ସବୁ କଲେଜରେ ଆଇସିସି ଗଠନ ବାଧ୍ୟତାମୂଳକ

**ଭୁବନେଶ୍ୱର, ୧୧।୪**
**ନ୍ୟୁଜ୍ ବ୍ୟୁରୋ**

ବିନା ଅନୁମତିରେ ଏଣିକି ଉଚ୍ଚ ଶିକ୍ଷାନୁଷ୍ଠାନରେ ହୋଇପାରିବନି ଆନ୍ଦୋଳନ, ହରତାଳ କି ସଭାସମିତି । ଶିକ୍ଷାନୁଷ୍ଠାନରେ ଆଇସିସି ଓ ଆଣ୍ଟି ରାଗିଂ କମିଟି ନଥିଲେ ଆଡମିଶନ ବେଳେ ଲାଗିବ କଟକଣା । ବିଶ୍ୱବିଦ୍ୟାଳୟରୁ ସରକାରୀ, ବେସରକାରୀ ଏବଂ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନ ସବୁଠି ଏଭଳି ଅନେକ ନିୟମ କଡ଼ାକଡ଼ି ପାଳନ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ୧୧ ପୃଷ୍ଠା ସମ୍ବଳିତ ଆଦର୍ଶ ଆଚରଣବିଧି ପାଳନ ପାଇଁ ଚିଠି କରାଯାଇଛି । ଯାହାକୁ ଉଚ୍ଚ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଏବଂ ଛାତ୍ରଛାତ୍ରୀ ସ୍ୱାଗତ କରିଥିବା ବେଳେ ଶିକ୍ଷାବିତ୍‌ମାନେ ଭିନ୍ନ ମତ ପୋଷଣ କରିଛନ୍ତି ।




ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସବୁ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଦିଆଯାଇଥିବା ଚିଠିରେ କୁହାଯାଇଛି ଏଣିକି ସମସ୍ତ ସରକାରୀ, ବେସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡିକରେ ଲାଗିବ ଆଦର୍ଶ ଆଚରଣବିଧି । ବିନା ଅନୁମତିରେ କଲେଜରେ ହୋଇ ପାରିବନି ଆନ୍ଦୋଳନ କି ସଭା ସମିତି । ଅଣଛାତ୍ରଙ୍କ ସମେତ ପୂର୍ବତନ ବିଦ୍ୟାର୍ଥୀଙ୍କ ପ୍ରବେଶ ଉପରେ ବି ଲାଗିବ କଟକଣା । ସବୁ କ୍ୟାମ୍ପସରେ ଆଇସିସି କମିଟି ଏବଂ ଆଣ୍ଟି ରାଗିଂ ସହ ବିବାଦ ସମାଧାନ କମିଟି ରହିବା ବାଧ୍ୟତାମୂଳକ ।

ବିଶ୍ୱବିଦ୍ୟାଳୟରୁ ସରକାରୀ ଓ ବେସରକାରୀ *(ପୃଷ୍ଠା ୭ରେ)*

## ପାକିସ୍ତାନ ଲିଙ୍କ୍‌ରେ ଥିବା ସନ୍ଦେହରେ ଯୁବକକୁ ଉଠାଇନେଲା ଦିଲ୍ଲୀ ପୋଲିସ

**ଭୁବନେଶ୍ୱର, ୧୧।୪**
**ନ୍ୟୁଜ୍ ବ୍ୟୁରୋ**

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ଦିଲ୍ଲୀ ପୁଲିସର ସ୍ପେଶାଲ ବ୍ରାଞ୍ଚ ପୋଲିସ ଭୁବନେଶ୍ୱରର ଜଣେ ଯୁବକଙ୍କୁ ପାକିସ୍ତାନ ସହ ଅଭିଯୁକ୍ତ ସମ୍ପର୍କ ଏବଂ ଭାରତ ବିରୋଧୀ କାର୍ଯ୍ୟକଳାପରେ ସଂପୃକ୍ତି ଅଭିଯୋଗରେ ଉଠାଇ ନେଇଛି ।

ଗିରଫ ଯୁବକ ହେଲେ ଶେଖ୍ ଆମୀରଙ୍କ ପୁଅ ଶେଖ୍ ଇମରାନ (୨୨) । ତାଙ୍କ ଘର ୟୁନିଟ ୬ ଗଙ୍ଗନଗର ଅଞ୍ଚଳରେ । ସୂଚନାଅନୁସାରେ ଦିଲ୍ଲୀ ପୁଲିସ ଦୀର୍ଘ ସମୟ ଧରି ତାଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିଥିଲା ଏବଂ ଠୋସ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୮୪ (+୪୯)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୧୦ (+୪୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୬୩ (+୩୭)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୫)

## ଏକାଳ ପଖାଳ



ଆମ ପୋଲିସି ଆମ ଗୋଇନ୍ଦା
ସତରେ କେତେ ଭଲ
ଆତଙ୍କୀ ରାଜଧାନୀରେ ରୁହନ୍ତି
ଇଏ ହେଉଥାନ୍ତି ଗେଲ
ଦିଲ୍ଲୀ ପୋଲିସି କେଉଁଠି ଥିଲ
ଦେଶଦ୍ରୋହୀକୁ ବାନ୍ଧି ପକେଇକି
ବଡ ଉପକାର କଲ ।

# ନାସାର ଆର୍ଟିମିସ-୨ ମିଶନ ସଂପୂର୍ଣ୍ଣ : ୧୦ ଦିନ ଚନ୍ଦ୍ର ଯାତ୍ରା କରି ଫେରିଲେ ୪ ଯାତ୍ରୀ



**ୱାଶିଂଟନ, ୧୧।୪**

ଆମେରିକାର ସ୍ପେସ ଏଜେନ୍ସି ନାସା'ର ଆର୍ଟିମିସ-୨ ମିଶନ ସଫଳତାର ସହିତ ସମାପ୍ତ ହୋଇଛି । ଏହି ମିଶନରେ ଅଂଶଗ୍ରହଣ କରିଥିବା ଚାରିଜଣ ମହାକାଶ ଯାତ୍ରୀ ୧୦ ଦିନର ଚନ୍ଦ୍ର ଯାତ୍ରା ପରେ ସୁରକ୍ଷିତ ଭାବେ ପୃଥିବୀକୁ ଫେରିଆସିଛନ୍ତି । ମିଶନ ସମୟରେ ସେମାନେ ପୃଥିବୀରୁ ସବୁଠାରୁ ଦୂର ରେକର୍ଡ ଦୂରତା ଅତିକ୍ରମ କରିଥିଲେ ।

ନାସା ଏକ୍ସରେ ଦେଇଥିବା ସୂଚନା ଅନୁସାରେ, ଚନ୍ଦ୍ର ମିଶନ ଆର୍ଟିମିସ-୨ ର ଚାରିଜଣ ମହାକାଶ ଯାତ୍ରୀ—କମାଣ୍ଡର ରିଡ୍ ୱାଇଜମ୍ୟାନ, ପାଇଲଟ୍ ଭିକ୍ଟର ଗ୍ଲୋଭର, କ୍ରିଷ୍ଟିନା କୋଚ୍ ଏବଂ କାନାଡାର ଜେରେମି ହାନସେନ—ସୁରକ୍ଷିତ ଭାବେ ପୃଥିବୀକୁ ଫେରିଛନ୍ତି । ସେମାନଙ୍କର ଓରିଅନ୍ ମହାକାଶଯାନ ପ୍ରଶାନ୍ତ ମହାସାଗରରେ ଅବତରଣ କରିଥିଲା ।

କାଲିଫର୍ଣ୍ଣିଆର ସାନ ଡିଏଗୋ ସମୁଦ୍ରତଟ ନିକଟରେ ଏହି ଲ୍ୟାଣ୍ଡିଂ ସ୍ଥାନୀୟ ସମୟ ଅନୁଯାୟୀ ରାତି ୮:୦୭ ବେଳେ (ଭାରତୀୟ ସମୟ ଅନୁଯାୟୀ ୧୧ ଏପ୍ରିଲ ସକାଳ ୫:୩୭ ବେଳେ) ଘଟିଥିଲା । ଏହି ମିଶନ ୧ ଏପ୍ରିଲରେ ଫ୍ଲୋରିଡାରୁ ଉଡାଣ ଭରିଥିଲା । ଏହି ସଫଳତା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଭିନନ୍ଦନ ଜଣାଇଛନ୍ତି ।

# ୭ ଦିନ ଯାଏ ରାଜ୍ୟକୁ ଅସହ୍ୟ ଗରମ ଓ ଗୁଳୁଗୁଳି

**ଭୁବନେଶ୍ୱର, ୧୧।୪**
**ନ୍ୟୁଜ୍ ବ୍ୟୁରୋ**

ଆଗାମୀ ୭ ଦିନ ଯାଏ ରାଜ୍ୟକୁ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି ହେବାର ସମ୍ଭାବନା ରହିଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ରବିବାର ପାଇଁ ବି ୧୧ ଜିଲ୍ଲାକୁ ମଧ୍ୟ ଏଥି ପାଇଁ ଚେତାବନୀ ଜାରି ହୋଇଛି ।

୧୩ ତାରିଖରୁ ଖରାର ପ୍ରକୋପ ଆହୁରି ବଢ଼ିବ ବୋଲି ପୂର୍ବାନୁମାନ କରାଯାଇଛି । ବରଗଡ଼ ଜିଲ୍ଲାକୁ ହିଟ୍ ୱେଭ୍ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଆସନ୍ତା ୧୭ ତାରିଖ ଯାଏ ପ୍ରବଳ ଗରମ ଓ ଗୁଳୁଗୁଳି ସହ ହିଟ୍ ୱେଭ୍ ଚେତାବନୀ ଜାରି ହୋଇଛି ।



ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ସହିତ ପଶ୍ଚିମ ଓଡ଼ିଶାରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଏହି ସମୟରେ ଦିନର ତାପମାତ୍ରା ସହରାଞ୍ଚଳରେ ବଢ଼ିବ ବୋଲି କୁହାଯାଇଛି । ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ ଅପରାହ୍ନ ଓ ସନ୍ଧ୍ୟା ସମୟରେ ରାଜ୍ୟ ବହୁ ଅଞ୍ଚଳରେ ଝଡବାତ୍ୟା ସହ ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୨ ଅପ୍ରେଲ, ୨୦୨୬ ରବିବାର





# ମୋଟୁ ବାରିବାଞ୍ଛାରେ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ

## ୨୨ ଏକରରୁ ଅଧିକ ଜଙ୍ଗଲ ଜମି ମୁକ୍ତ, ଉଚ୍ଚ ନ୍ୟାୟାଳୟରେ ଆବେଦନ ଖାରଜ

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ମୋଟୁ ତହସିଲ ଅନ୍ତର୍ଗତ ବାରିବାଞ୍ଛା ତଥା ଇସମାଇଲ ନଗର ନାମରେ ନାମିତ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ ଧରଣର ଜବରଦଖଲ ଉଚ୍ଛେଦ ଅଭିଯାନ ସଫଳତାର ସହ ଅନୁଷ୍ଠିତ ହୋଇଛି। ଏହି ଅଭିଯାନରେ ପ୍ରାୟ ୨୨ ଏକରରୁ ଅଧିକ ଜଙ୍ଗଲ ଜମିକୁ ଜବର ଦଖଲମୁକ୍ତ କରାଯାଇ ପ୍ରଶାସନ ନିଜ ଅଧୀନରେ ନେଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏବଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜି ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟାନୁଷ୍ଠାନ ଚାଲିଥିଲା। ଏହି କାର୍ଯ୍ୟରେ ନିୟୋଜିତ ୪ଟି ଜେସିବି, ଗୋଟିଏ ୨୧୦ ଏକ୍ସାଭେଟର, ହାଇଡ୍ରା ମେସିନ୍ ମାଧ୍ୟମରେ ବେଆଇନ ଭାବେ ନିର୍ମିତ ଏକ ୩ ମହଲା ବିଶିଷ୍ଟ ଘର, ଆୟୁର୍ବେଦିକ କ୍ଲିନିକ, ଗୋଦାମ ଗୃହ ଏବଂ ଦୁଇଟି ଷ୍ଟୋର ରୁମ୍ କୁ ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଦୁର୍ଯ୍ୟୋଧନ ଭୋଇଙ୍କ ଉପସ୍ଥିତିରେ ଭଙ୍ଗା ଯାଇଛି। ଏଥିସହିତ ୧୧ଟି ପୋଖରୀକୁ ମଧ୍ୟ ପ୍ରଶାସନ ନିଜ ନିୟନ୍ତ୍ରଣକୁ ନେଇଛି। ଏହି ଜମିକୁ ଜବରଦଖଲ କରିଥିବା ତିନି ଭାଇ ମହମ୍ମଦ ମାସୁମ୍ ଖାନ୍, ମହମ୍ମଦ ହସନ୍ ଖାନ୍ ଓ ମହମ୍ମଦ ଜମାଲ ଖାନ୍ଙ୍କ ବିରୋଧରେ ପ୍ରଶାସନ କଡ଼ା ପଦକ୍ଷେପ ନେଇ ସମସ୍ତ ଜବର ଦଖଲରେ ଥିବା ସମ୍ପତ୍ତିକୁ ଜବତ କରାଗଲା। ଅନ୍ୟପକ୍ଷରେ, ଏହି ଉଚ୍ଛେଦକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ତିନିଟି ଡବ୍ଲ୍ୟୁପିସି ୧୪୮୬୭/୨୦୨୨, ୧୪୮୬୮/୨୦୨୨, ୧୪୮୭୦/୨୦୨୨ କୁ ମାନ୍ୟବର ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ। ବିଚାରପତି ଡଃ. ସଞ୍ଜୀବ କୁମାର ପାଣିଗ୍ରାହୀ ନିଜ ରାୟରେ କହିଥିଲେ ଯେ, ସରକାରୀ କିମ୍ବା ଜଙ୍ଗଲ ଜମି ଉପରେ ଦୀର୍ଘଦିନ ଧରି ଦଖଲ ରଖିବା ମାତ୍ରେ ମାଲିକାନା ଅଧିକାର ସ୍ଥାପିତ ହେବ ନାହିଁ। ସୂଚନା ଯୋଗ୍ୟ, ଆବେଦନକାରୀମାନେ ଜୟପୁର ସଂସ୍ଥାନ ରାଜା ବିକ୍ରମ ଦେବଙ୍କ ପ୍ରଦତ୍ତ ୧୯୨୦ ମସିହାର ତାମ୍ରଫଳକ ସମ୍ବନ୍ଧୀୟ ଦାବି କରିଥିଲେ ମଧ୍ୟ ସେଥିପାଇଁ ଅଦାଲତରେ କୌଣସି ପ୍ରମାଣ ପ୍ରଦାନ କରିପାରି ନଥିଲେ। ସେମାନେ ଭୂମିହୀନ ନୁହନ୍ତି ବୋଲି ଯାଞ୍ଚରେ ପ୍ରକାଶ ପାଇଥିବା ସହ, ଜଙ୍ଗଲ ଅଧିକାର ଆଇନ, ୨୦୦୬ ଅନୁଯାୟୀ ୧୩ ଡିସେମ୍ବର ୨୦୦୫ ପୂର୍ବରୁ ଅନ୍ୟ ପାରମ୍ପରିକ ବନବାସୀ ପାଇଁ ଆବଶ୍ୟକ ତିନି ପିଢ଼ିର ପ୍ରମାଣ ଦେବାରେ ମଧ୍ୟ ବିଫଳ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହି ଜମିକୁ ଗ୍ରାମ୍ୟ ଜଙ୍ଗଲ ଶ୍ରେଣୀରେ ଥିବା ବୋଲି ସ୍ପଷ୍ଟ କରି କାହାକୁ ମଧ୍ୟ ଏହା ଲିଜ୍ ଦିଆଯିବ ନାହିଁ ବୋଲି କହିଥିଲେ। ଏହି ଅଭିଯାନରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ପୋଲିସ୍ ଏସଡିପିଓ ଦିବ୍ୟଜ୍ୟୋତି ଦଳେଇ, ଆଇଆଇସି ଅର୍ଜୁନ କହଁରଙ୍କ ସମେତ ୧୦୦ରୁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ମୋଟୁ ତହସିଲଦାର ଅର୍ଜୁନ ପ୍ରଧାନଙ୍କ ସମେତ ମାଜିଷ୍ଟ୍ରେଟ୍ ଭାବରେ ଡେପୁଟି କଲେକ୍ଟର ଲିପିନା ଦାସ, ସ୍ୱପ୍ନ ରାଉତ, ସହାୟକ ଜିଲ୍ଲାପାଳ ଅଜୟ ମାଣ୍ଡାଙ୍ଗୀ, ହର ମହାପାତ୍ର, କାଲିମେଲା ତହସିଲଦାର ସତ୍ୟ ନାରାୟଣ ରାଜଗୁରୁ ଉପସ୍ଥିତ ଥିଲେ। ମେଡିକାଲ ଟିମ୍ ସହ ଅଗ୍ନିଶମ ଅଧିକାରୀ କମଲ ଗୌଡ, ଗ୍ରାମ୍ୟ ଉନ୍ନୟନ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରା ଓ ଟିପିଏସଓଡିଏଲ୍ କର୍ମଚାରୀ ଉପସ୍ଥିତ ଥିଲେ। ସରକାରୀ ସମ୍ପତ୍ତିର ସୁରକ୍ଷା ଏବଂ ଆଇନର ଶାସନ ପ୍ରତିଷ୍ଠା ଦିଗରେ ମାଲକାନଗିରି ପ୍ରଶାସନର ଏହି ପଦକ୍ଷେପ ଏକ ସ୍ୱାଗତଯୋଗ୍ୟ ନିଷ୍ପତି ବୋଲି ସର୍ବସାଧାରଣରେ କୁହାଯାଉଛି।

# ଓଡ଼ିଆ ଭାଷାରେ ନାମ ଫଳକ ଲେଖା ଅଭିଯାନ

## ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**



ଏପ୍ରିଲ ୧ ତାରିଖ ଓଡ଼ିଶା ଦିବସ ଠାରୁ ଏପ୍ରିଲ ୧୪ ତାରିଖ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପାଳନ ହେଉଛି ଓଡ଼ିଆ ପକ୍ଷ । ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ, ୧୯୫୬ ଅନୁଯାୟୀ ପ୍ରତିଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବରେ ଲେଖିବା ବାଧ୍ୟତାମୂଳକ । ଯେଉଁମାନେ ଏହି ନିୟମର ଉଲ୍ଲଂଘନ କରିବେ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିରେ ଖିଲାପକାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ ସହ ଜରିମାନା ଆଦାୟ ଭଳି ଦଣ୍ଡବିଧାନ ରହିଛି । ଏଣୁ ଯେଉଁମାନେ ଏପର୍ଯ୍ୟନ୍ତ ନିଜର ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖି ନାହାନ୍ତି, ସେମାନେ ଯଥାଶୀଘ୍ର ଏଥିପ୍ରତି ଯତ୍ନବାନ ହୋଇ ନିର୍ଭୁଲ ଏବଂ ସ୍ପଷ୍ଟ ଭାବେ ଓଡ଼ିଆ ଭାଷାରେ ନାମଫଳକ ଲେଖି ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ଦ୍ୱାରା ଆରମ୍ଭ ହୋଇଥିବା ଏହି ଅଭିଯାନକୁ ସଫଳ କରିବା ନିମନ୍ତେ ନିଜ ନିଜ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନର ନାମଫଳକ ଓଡ଼ିଆ ଭାଷାରେ ସ୍ପଷ୍ଟ ଭାବେ ଲେଖନ୍ତୁ। ଏହି କ୍ରମରେ, ଅଦ୍ୟ ତା ୦୪.୦୪.୨୦୨୬ ରିଖ ରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ଜଗତସିଂହପୁର ତରଫରୁ ଓଡିଆ ପକ୍ଷ ପାଳନ ଅବସରରେ "ଓଡ଼ିଶା ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍, ୧୯୫୬" ଅନୁଯାୟୀ, ସମସ୍ତ ଦୋକାନ ବଜାର ଓ ବାଣିଜ୍ୟ ପ୍ରତିଷ୍ଠାନ ମାନଙ୍କର ନାମ ଫଳକ ଓଡ଼ିଆ ଭାଷାରେ ଲେଖିବା ପାଇଁ ଏକ ସଚେତନତା ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ କରାଯାଇଛି । ଏଥିସହିତ ଏକ ସଚେତନତା ରଥ କୁ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ମହୋଦୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବାବା ଆନନ୍ଦ ରଞ୍ଜନ ଦାସ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଶିବ ନାରାୟଣ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ(ପ୍ରବର୍ତ୍ତନ), ସ୍ମୃତିରେଖା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ ଅର୍ପିତା ସାହୁ, ଶାନ୍ତନୁ କୁମାର ବ୍ରହ୍ମା, ମହାଶ୍ୱେତା ସ୍ୱାଇଁ, ଦେବାଶିଷ ମିଶ୍ର ଓ ଅନ୍ୟ ସମସ୍ତ କର୍ମଚାରୀଗଣ ଏହି ସଚେତନତା ପଦଯାତ୍ରାରେ ଅଂଶ ଗ୍ରହଣ କରି ଜଗତସିଂହପୁର ସହର ପରିକ୍ରମା କରିଥିଲେ

# ଓଡ଼ିଆ ଭାଷାର ପ୍ରଚାର ନେଇ ପ୍ରୟାସ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ପକ୍ଷ-୨୦୨୬ର ଚତୁର୍ଥ ଦିବସରେ କେନ୍ଦୁଝରଠାରେ ଓଡ଼ିଆରେ ନାମ ଫଳକ ଅଭିଯାନ ଆୟୋଜିତ ହୋଇଛି । ଏହି କ୍ରମରେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା ପଦଯାତ୍ରା ଆୟୋଜିତ କରି ଉକ୍ତ ଅଭିଯାନର ଶୁଭାରମ୍ଭ ହୋଇଛି । ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବଜାରରେ ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିଳ୍ପ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ବା ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା କୌଣସି ସଂସ୍ଥା ନିଜର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ସଂସ୍ଥାର ମାଲିକ, କର୍ତ୍ତୃପକ୍ଷ ତଥା ଜନସାଧାରଣଙ୍କୁ ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଉତ୍ସାହିତ କରାଯାଇଛି । ଜିଲ୍ଲା ଶ୍ରମ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଅତିରିକ୍ତ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ। ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିବା ସହ ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନର ନାମ ଓଡ଼ିଆରେ ଲେଖା ନଥିଲା ସେହି ଦୋକାନର ମାଲିକ ମାନଙ୍କୁ ଓଡ଼ିଆରେ ଲେଖିବା ପାଇଁ ସଚେତନ କରାଯାଇଥିଲା ।

# ଟାଟା ଷ୍ଟିଲ୍ କଳିଙ୍ଗନଗରରେ ଜାତୀୟ ସୁରକ୍ଷା ମାସ ଉଦ୍‌ଯାପିତ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସକେ) ୫୫ତମ ଜାତୀୟ ସୁରକ୍ଷା ମାସର ଉଦଯାପନୀ ଉତ୍ସବକୁ ସଫଳତାର ସହିତ ନିଜ ପରିସରରେ ଥିବା ସେଫ୍ଟି ଲିଡରସିପ୍ ଡେଭଲପମେଣ୍ଟ ସେଣ୍ଟର (ଏସଏଲଡିସି) ଠାରେ ଆୟୋଜନ କରିଛି । ଶିଳ୍ପ ସୁରକ୍ଷା ମାନକ ଏବଂ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତାକୁ ସୁଦୃଢ଼ କରିବା ପାଇଁ ମାସ ବ୍ୟାପୀ ଚାଲିଥିବା ଏହି ଅଭିଯାନର ଏହା ଶେଷ ପର୍ଯ୍ୟାୟ ଥିଲା । ଚଳିତ ବର୍ଷର ଆଭିମୁଖ୍ୟ 'ନିୟୋଜିତ କର, ଶିକ୍ଷିତ କର ଏବଂ ସଶକ୍ତ କର' (ଏନଗେଜ୍, ଏଜୁକେଟ୍ ଏବଂ ଏମପାୱାର) ସହ ମିଳିତ ଭାବେ ସୁରକ୍ଷା ନିୟମାବଳୀ ପ୍ରତି ଅସାଧାରଣ ପ୍ରତିବଦ୍ଧତା ପ୍ରଦର୍ଶନ କରିଥିବା କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସର୍ବାଧିକ ସୁରକ୍ଷା ତାଲିମ, 'କାଇଜେନ'



ମାଧ୍ୟମରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଦିଗରେ ଦକ୍ଷତା ଭଳି ବିଭିନ୍ନ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହ 'ଶ୍ରେଷ୍ଠ ଭେଣ୍ଡର ପାର୍ଟନର ସେଫ୍ଟି ପ୍ରଫେସନାଲ'ଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା। ମାସ ବ୍ୟାପୀ ଚାଲିଥିବା ଏହି ଜାତୀୟ ସୁରକ୍ଷା ମାସ କାର୍ଯ୍ୟକ୍ରମରେ ବିପଦପୂର୍ଣ୍ଣ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଏକାଧିକ ତାଲିମ ଶିବିର ଏବଂ ବୈଷୟିକ କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ଗ୍ୟାସ୍ ସୁରକ୍ଷା, ଆବଦ୍ଧ ସ୍ଥାନରେ କାର୍ଯ୍ୟ, ଉଚ୍ଚ ସ୍ଥାନରେ କାର୍ଯ୍ୟ, ୱେଲଡିଂ ଏବଂ ଗ୍ୟାସ୍ କଟିଂ ଏବଂ ସାମଗ୍ରୀ ପରିବହନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଶିକ୍ଷା ଦିଆଯାଇଥିଲା। ଦୁର୍ଘଟଣା ଏଡ଼ାଇବା ପାଇଁ 'ଅତୀତର ଦୁର୍ଘଟଣାରୁ ଶିକ୍ଷା' ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହା ବ୍ୟତୀତ ଜରୁରୀକାଳୀନ ସେବା ପ୍ରଦାନକାରୀଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା ଏବଂ ଅସୁରକ୍ଷିତ କାର୍ଯ୍ୟ ଚିହ୍ନଟ କରିବା ଭଳି ଆହ୍ୱାନପୂର୍ଣ୍ଣ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ଉଦଯାପନୀ ଉତ୍ସବରେ ଏହି ସମସ୍ତ ପ୍ରତିଯୋଗିତାର ବିଜେତା ମାନଙ୍କୁ ସମ୍ମାନ ପୂର୍ବକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ବିଭାଗର ଯାଜପୁର ରୋଡ୍ ଡିଭିଜନର ଉପ-ନିର୍ଦ୍ଦେଶକ ଇଂ ଉମେଶ ଚନ୍ଦ୍ର ସୁତାର, ଟାଟା ଷ୍ଟିଲ୍ କଳିଙ୍ଗନଗରର ଭାଇସ୍ ପ୍ରେସିଡେଣ୍ଟ (ଅପରେସନ୍ସ) ଉତ୍ତମ ସିଂ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଟିଏସକେର ବରିଷ୍ଠ ଅଧିକାରୀ ଏବଂ ୟୁନିଅନ୍ ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ।

# ଆସ ବହିଟିଏ କିଣିବା

## ଓଡ଼ିଆ ପୁସ୍ତକ ପଠନ ପ୍ରତି ରୁଚି ସୃଷ୍ଟି କରୁଛି

**କଟକ, ନ୍ୟୁଜ ବ୍ୟୁରୋ**



ଓଡ଼ିଆ ପୁସ୍ତକ ପଢା ପ୍ରତି ରୁଚି ବୃଦ୍ଧି କରିବା ତଥା ପ୍ରସିଦ୍ଧ ଓଡ଼ିଆ ଲେଖକମାନଙ୍କ ଅନବଦ୍ୟ କୃତିଗୁଡିକ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉଦ୍ଦେଶ୍ୟରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ ଓ ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଏବଂ ଡିଜିଟାଲ ଯୁଗରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ସଂଖ୍ୟାରେ ଅଧିକାରୀ ଓ କର୍ମଚାରୀ ପୁସ୍ତକ କ୍ରୟ କରିଥିଲେ । ଏଠାରେ ସୂଚନାଯୋଗ୍ୟ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମରେ ରାଜ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ ଅବସରରେ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

# ଅଧାରୁ ପାଠତ୍ୟାଗୀଙ୍କୁ ପୁଣି ମୁଖ୍ୟ ସ୍ରୋତରେ ସାମିଲ ପାଇଁ ପ୍ରୟାସ

**ରମ୍ଭା, ନ୍ୟୁଜ ବ୍ୟୁରୋ**




ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ-୨୦୨୬ କଞ୍ଚଣା କ୍ଲଷ୍ଟର ପକ୍ଷରୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କଞ୍ଚଣା ଠାରେ ଶୁଭ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ତହସିଲଦାର ଡି. ମାଲେଶ୍ୱର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ। ଖଲ୍ଲିକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବାଶିଷ ସାମଲ ସ୍ୱତନ୍ତ୍ର ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାହୁ, ବି ଆର ସି ସି ସୁଶ୍ରୀ ସୁଷମା ଶବର, ପ୍ରାକ୍ତନ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନାରାୟଣ ସେଠୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ମହାରଣା, ସିଆରସିସି କୃଷ୍ଣଚନ୍ଦ୍ର ପରିଡ଼ା, ରାଜେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ସମ୍ମାନୀତ ଅତିଥି ରୂପେ ଯୋଗ ଦେଇ ସମଗ୍ର ଶିକ୍ଷା ଅଭିଯାନର ଲକ୍ଷ୍ୟ ଆଭିମୁଖ୍ୟ, ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା, ଅଧାରୁ ପାଠ ତ୍ୟାଗୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା, ଶିଶୁ ବାଟିକାର ସଫଳ ରୂପାୟନ, ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଆଦି ବହୁବିଧ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଅତିଥିମାନେ ସବୁଜ ପତାକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ । ଖଲ୍ଲିକୋଟ ବ୍ଲକର ବହୁ ସି ଆର ସି ସି, ଶିକ୍ଷକ ଶିକ୍ଷୟିତ୍ରୀ ସଚେତନତା ରଥ ପରିକ୍ରମାରେ ସାମିଲ୍ ହୋଇଥିଲେ । ପାଞ୍ଚ ବର୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଶିଶୁ ବାଟିକାରେ ଛଅ ବର୍ଷରୁ ଅଧିକ ଶିଶୁଙ୍କୁ ପ୍ରଥମ ଶ୍ରେଣୀରେ ମାଗଣା ନାମଲେଖା, ବହିପତ୍ର, ପୋଷାକ, ଜୋତା, ମଧ୍ୟାହ୍ନ ଭୋଜନ ଆଦି ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯାଉଥିବା ସମ୍ପର୍କରେ ଗ୍ରାମବାସୀ ଅଭିଭାବକ ଅଭିଭାବିକାଙ୍କୁ ଅବଗତ କରାଇଥିଲେ। ସମଗ୍ର ଶିକ୍ଷା ପ୍ରତି ଶିକ୍ଷାର୍ଥୀଙ୍କ ଆଗ୍ରହ ବୃଦ୍ଧି ଲାଗି ପଥପ୍ରାନ୍ତ ନାଟକ, ସ୍ଲୋଗାନ, ସଂଗୀତ ପରିବେଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ମାଧ୍ୟମରେ ସର୍ବ ସାଧାରଣ ଜନତାଙ୍କୁ ବୁଝାଇ ଏପ୍ରକାର ମହାନ୍ କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ପରାମର୍ଶ ମାର୍ଗଦର୍ଶନ କରିଥିଲେ । ଆଜି ଉକ୍ତ ସଚେତନତା ରଥ କଞ୍ଚଣା, ମଥୁରା, ଆଭାସ କ୍ଲଷ୍ଟର ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟ, ଗ୍ରାମ ପରିକ୍ରମା କରିଥିବା ବେଳେ ସମଗ୍ର ଷୋହଳ ଗୋଟି କ୍ଲଷ୍ଟର ପରିକ୍ରମା ପାଇଁ ବ୍ୟବସ୍ଥା କରାଯାଇଥିବା ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ମତବ୍ୟକ୍ତ କରିଛନ୍ତି । ଆଗାମୀ ୦୮ ତାରିଖରେ ସଚେତନତା ରଥ ପରିକ୍ରମା ଉଦଯାପିତ ହେବ ବୋଲି ସ୍ପଷ୍ଟ କରିଛନ୍ତି ।

# ଓଡ଼ିଆ ପକ୍ଷ ପାଳନ ଅବସରରେ 'ଆମ ପୋଷାକ ଆମ ପରିଚୟ'

**ରାଉରକେଲା, ନ୍ୟୁଜ ବ୍ୟୁରୋ**

ଗତ ୨ ତାରିଖରେ ସୁନ୍ଦରଗଡ଼ ଠାରେ 'ଓଡ଼ିଆ ପକ୍ଷ' ପାଳନର ଦ୍ୱିତୀୟ ଓ ତୃତୀୟ ଦିବସ ହେଉଛି ପାରମ୍ପରିକ ପୋଷାକ ପରିଧାନ କାର୍ଯ୍ୟକ୍ରମ 'ଆମ ପୋଷାକ ଆମ ପରିଚୟ'। ଏହି କ୍ରମରେ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ମାନେ ଯୋଗ ଦେଇଥିଲେ। ସେହିଭଳି ସମସ୍ତ କାର୍ଯ୍ୟାଳୟ, ସମସ୍ତ ବ୍ଲକ, ସମସ୍ତ ତହସିଲ, ସମସ୍ତ ପୌର ପରିଷଦ ଅଞ୍ଚଳ ସହିତ ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଆଜି ପାରମ୍ପରିକ ପୋଷାକ ପରିଧାନ କରାଯିବା ସହିତ 'ଆମ ପୋଷାକ ଆମ ପରିଚୟ' ସ୍ଲୋଗାନ ଦିଆଯାଇଥିଲା।



# ସୋନପୁରରେ ଓଡ଼ିଆ ନାମଫଳକ ସଚେତନତା ପଦଯାତ୍ରା

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**



ଓଡ଼ିଆ ପକ୍ଷ -୨୦୨୬ ପାଳନ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ, ସୁବର୍ଣ୍ଣପୁରର ମିଳିତ ଆନୁକୂଲ୍ୟରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସୋନପୁର ପରିସର ଠାରୁ ଏକ 'ଓଡ଼ିଆ ଭାଷାରେ ନାମଫଳକ ଲେଖା ଅଭିଯାନ - ସଚେତନତା ପଦଯାତ୍ରା 'ଆରମ୍ଭ ହୋଇ ସୋନପୁର ପୌରାଞ୍ଚଳ ପରିଭ୍ରମଣ କରି ପୌରପରିଷଦ କାର୍ଯ୍ୟାଳୟ, ସୋନପୁରଠାରେ ଶେଷ ହୋଇଥିଲା । ଉକ୍ତ ସଚେତନତା ପଦଯାତ୍ରାକୁ ଉଭୟ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଏବଂ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ ସୁବର୍ଣପୁର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଡିଲେଶ୍ୱର ଖାଖା, ସୁବର୍ଣ୍ଣପୁର, ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟ ଶଙ୍କର ଧୁରୁଆ, ସୁବର୍ଣ୍ଣପୁର, ଜିଲ୍ଲାସଂସ୍କୃତି ଅଧିକାରୀ ଶ୍ରୀମତୀ ଯମୁନା ପ୍ରଧାନ, ସୁବର୍ଣ୍ଣପୁର, କାର୍ଯ୍ୟ ନିର୍ବାହୀ, ଅଧିକାରୀ, ପୌରପରିଷଦ ରଷି ମାଝୀ, ସୋନପୁର, ସହକାରୀ ଶ୍ରମ ଅଧିକାରୀ କେଦାର ସିଂ ବରିହା, ସୋନପୁର, ସହ ଶ୍ରମ ଅଧିକାରୀ ଚିନ୍ମୟ ମେହେର, ବିନିକା, ସହକାରୀ ଶ୍ରମ ଅଧିକାରୀ ସୌମ୍ୟରଞ୍ଜନ ସାହୁ, ଉଲୁଣ୍ଡିପାଲି, ସହକାରୀ ଶ୍ରମ ଅଧିକାରୀ ପ୍ରତିଭା ପ୍ରଧାନ, ତରଭା, ସହକାରୀ ଶ୍ରମ ଅଧିକାରୀ ଲିପକ୍ ରାଜ ନାଏକ, ଉଲୁଣ୍ଡା, ସଭାପତି, ସୁବର୍ଣ୍ଣପୁର ଜିଲ୍ଲା ବ୍ୟବସାୟୀ ସଂଘ, ସଭାପତି, ମାରୱାଡି ଯୁବ ମଞ୍ଚ, ସଭାପତି ସୁବର୍ଣ୍ଣପୁର ଜିଲ୍ଲା ହୋଟେଲ ମାଲିକ ସଂଘ, ସଭାପତି, ସୁବର୍ଣ୍ଣପୁର ଜିଲ୍ଲା ଔଷଧ ବ୍ୟବସାୟୀ ସଂଘ, ସଭାପତି, ଟ୍ରେଡ଼ ୟୁନିଅନ ସମନ୍ୱୟ ସମିତି, ତଥା ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟାକ୍ରମରେ ବିଭିନ୍ନ ବିଭାଗ, ପ୍ରତିଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନର ବ୍ୟକ୍ତି ବିଶେଷ ମଧ୍ୟ ଯୋଗଦାନ କରି ସଚେତନତା ଓ ପଦଯାତ୍ରା ସାଫଲ୍ୟ କରିଥିଲେ ।

# ରାଉରକେଲାରେ ଜିଲ୍ଲା ଶ୍ରମ ବିଭାଗ ତରଫରୁ ଓଡ଼ିଆ ନାମ ଫଳକ ଅଭିଯାନ

**ରାଉରକେଲା, ନ୍ୟୁଜ ବ୍ୟୁରୋ**




ଏପ୍ରିଲ ମାସ ଏକ ତାରିଖ ଓଡ଼ିଶା ଦିବସଠାରୁ ଆରମ୍ଭ ହେଉଛି 'ଓଡ଼ିଆ ପକ୍ଷ-୨୦୨୬'। ଏହି କ୍ରମରେ ପାଳନ କରାଯାଇଥିଲା ଓଡ଼ିଆରେ ନାମଫଳକ ଲେଖା ଅଭିଯାନ । ଏହି ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ, ସୁନ୍ଦରଗଡଙ୍କ ଦ୍ୱାରା ରାଉରକେଲାରେ ଆୟୋଜନ କରାଯାଇଥିଲା ଓଡ଼ିଆ ନାମ ଫଳକ ସଚେତେନତା ପଦଯାତ୍ରା ଅଭିଯାନ । ଏହି ଅଭିଯାନରେ ଯୋଗଦାନ କରିଥିଲେ ଶାରଦା ପ୍ରସାଦ ନାୟକ, ବିଧାୟକ, ରାଉରକେଲା, ବିଜୟ ନାୟକ, ଉପ ଜିଲ୍ଲାପାଳ, ପାନପୋଷ, ଘାସିରାମ ଟୁଡୁ, ଅତିରିକ୍ତ ଶ୍ରମ ଆୟୁକ୍ତ, ଭୁବନେଶ୍ୱର, ଶ୍ରୀଯୁକ୍ତ ପ୍ରଣବ ରଞ୍ଜନ ଜେନା, ଯୁଗ୍ମ ଶ୍ରମ ଆୟୁକ୍ତ, ରାଉରକେଲା ସୁନିତା କିଷାନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ରାଉରକେଲା, ଗୋପାଳ କୃଷ୍ଣ ମଙ୍ଗରାଜ, ଜିଲ୍ଲା ଶ୍ରମ ଅଧିକାରୀ, ରାଉରକେଲା ଓ କାର୍ଯ୍ୟାଳୟର ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ବୃନ୍ଦ । ଏତଦବ୍ୟତୀତ ଜିଲ୍ଲା ର ସମସ୍ତ ଓଡ଼ିଆ ଭାଷା ଆନ୍ଦୋଳନ ର ଅଗ୍ରଣୀ ଅନୁଷ୍ଠାନ ଯଥା ଉତ୍କଳ ସମ୍ମିଳନୀ, ପ୍ରଗତି ଉତ୍କଳ ସଂଘ, ସାଂସ୍କୃତିକ ପରିଷଦ ରାଉରକେଲା, ଇସ୍ପାତ ସାହିତ୍ୟ ସଂସଦ, ଆଦର୍ଶ ପାଠାଗାର, ଭଞ୍ଜ କଳାକେନ୍ଦ୍ର, ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ, ଏକତ୍ର ରାଉରକେଲା, ଓଡ଼ିଆ ଭାଷା ବିକାଶ ମଞ୍ଚ, ଗାରିମା, ଶାସ୍ତ୍ରୀ ସାହିତ୍ୟ ସଂସଦ, ଜଗଦା ସାଂସ୍କୃତିକ ପରିଷଦ, ବାସନ୍ତୀ ପାଠାଗାର, ବାସନ୍ତୀ ସାଂସ୍କୃତିକ ପରିଷଦ, ଧାମରା ସଂଘ, ସୁବର୍ଣ୍ଣରେଖା, ଗୋପବନ୍ଧୁ ପାଠାଗାର, ମଧୁସୂଦନ ପାଠାଗାର, ସ୍ୱାଭିମାନୀ ଓଡ଼ିଆ, ନୀଳଚକ୍ର, ନୀଳଶୈଳ, ମୁଁ ଓଡ଼ିଆ ମୁଁ ଗର୍ବିତ, ରାଉରକେଲା ହୋଟେଲ ଆସୋସିଏସନ ଓ ବିଭିନ୍ନ ସ୍ୱଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ବୃନ୍ଦ ଯୋଗଦାନ କରିଥିଲେ । ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ଅଧିନିୟମ ଅନୁଯାୟୀ, ପ୍ରତିଟି ବ୍ୟବସାୟିକ ଅନୁଷ୍ଠାନର ନାମଫଳକରେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ଏକ ସାମ୍ବିଧାନିକ ତଥା ନୈତିକ ଦାୟିତ୍ୱ। ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ ହେଉଛି ବ୍ୟବସାୟୀ ଭାଇଭଉଣୀମାନଙ୍କୁ ସଚେତନ କରାଇବା ଯେ, ଓଡ଼ିଆରେ ନାମଫଳକ ଲେଖିବା କେବଳ ଏକ ନିୟମ ନୁହେଁ ବରଂ ଆମ ମାତୃଭାଷା ପ୍ରତି ଏକ ସମ୍ମାନ। ଏହି ପାଦ ଯାତ୍ରା ମଧୁସୂଦନ ମାର୍ଗରୁ ବାହାରି ଆମ୍ବେଦକର ଛକରେ ଶେଷ ହୋଇଥିଲା । ଏହି ପଦଯାତ୍ରା ଦ୍ୱାରା ବ୍ୟବସାୟୀଙ୍କ ମଧ୍ୟରେ ଓଡ଼ିଆରେ ନାମ ଫଳକ ଲେଖିବା ପାଇଁ ସଚେତନତା ସୃଷ୍ଟି କରାଯିବ ସହିତ ଏହି ସମ୍ବନ୍ଧୀୟ ଥିବା ଆଇନର ବ୍ୟବସ୍ଥା ଓ ଏହାର ଉଲ୍ଲଂଘନ କଲେ ଦଣ୍ଡ ବିଧାନ ସମ୍ବନ୍ଧରେ ବ୍ୟାପକ ପ୍ରଚାର ଓ ପ୍ରସାର କର ଯାଇଥିଲା । ଏହି ପଦ ଯାତ୍ରାରେ ବ୍ୟବସାୟୀମାନଙ୍କୁ ସୂଚନା ଦିଅଯାଇଥିଲା ଯେ ସେମାନଙ୍କର ବ୍ୟବସାୟିକ ପ୍ରତିଷ୍ଠାନର ନାମଫଳକର ସବୁଠାରୁ ଉପର ଭାଗରେ କିମ୍ବା ବାମ ପାର୍ଶ୍ୱରେ ଓଡ଼ିଆ ଅକ୍ଷର ବଡ଼ ଏବଂ ସ୍ପଷ୍ଟ ଭାବରେ ରହିବା ଆବଶ୍ୟକ। ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ, ଓଡ଼ିଆରେ ନାମ ଲେଖିବା ବାଧ୍ୟତାମୂଳକ। ଏହାର ଉଲ୍ଲଂଘନ କଲେ ଜରିମାନାର ପ୍ରାବଧାନ ରହିଛି। ସ୍ଥାନୀୟ ଭାଷାରେ ନାମ ରହିଲେ ସାଧାରଣ ଲୋକ ଓ ଗ୍ରାହକମାନେ ଅନୁଷ୍ଠାନ ସହ ଅଧିକ ନିବିଡ଼ ଭାବେ ଯୋଡ଼ି ହୋଇପାରନ୍ତି। ସର୍ବ ଶେଷରେ ସୁନିତା କିଷାନ, ପ୍ରଭାଗୀୟ ଶ୍ରମ ଆୟୁକ୍ତ, ରାଉରକେଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟାଳୟ ପରିସରରେ ସୃଷ୍ଟି ହେଲା ଗୁରୁକୁଳ ପରମ୍ପରାର ପରିବେଶ

**କେନ୍ଦୁଝର, ନ୍ୟୁଜ ବ୍ୟୁରୋ**



ସଦର ବ୍ଲକ ଅଧୀନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶିରୀଶପାଳ ଠାରେ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ୨୦୨୬ ଖୁବ ଆଡମ୍ବର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ, କେନ୍ଦୁଝର ତଥା ମାନ୍ୟବର ବିଧାୟକ, ତେଲକୋଇ ଡଃ ଫକୀର ମୋହନ ନାଏକ, ସାଂସଦ ପ୍ରତିନିଧି ଦିଲ୍ଲୀପ କୁମାର ପଣ୍ଡା, ଜିଲ୍ଲାପାଳ ବିଶାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ , ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସତ୍ୟନାରାୟଣ ମହାନ୍ତ ,ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ, ବ୍ଲକ ଉନ୍ନୟନ ଅଧିକାରୀ ବିନୋଦ ବିହାରୀ ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ମିଶ୍ର, କପିଳ ଚନ୍ଦ୍ର ଦାଶ, ତରଣୀସେନ ମୁଣ୍ଡା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ, ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ଶୈକ୍ଷିକ ସଂଯୋଜକ ମାନସ ରଞ୍ଜନ ଦାଶ, ଭିନ୍ନକ୍ଷମ ସଂଯୋଜକ ପୀତବାସ ସାହୁ ଓ ସଦର ବ୍ଲକ୍ ର ସମସ୍ତ ସି.ଆର.ସି.ସି. ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି । ବିଦ୍ୟାଳୟରେ ନୂତନ ଭାବେ ଯୋଗ ଦେବାକୁ ଥିବା ଶିଶୁ ବାଟିକାର କୁନି କୁନି ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯିବା ସହ ଅତିଥି ମାନେ ଶିଶୁ ମାନଙ୍କର ଖଡ଼ିଛୁଆଁ କରାଇଥିଲେ । ଏହି ସମୟରେ ବିଦ୍ୟାଳୟର ପରିବେଶରେ ଗୁରୁକୂଳ ପରମ୍ପରାର ବାତାବରଣ ସୃଷ୍ଟି ହୋଇଥିଲା । ମୁଖ୍ୟ ଅତିଥି ଡଃ ଫକୀର ମୋହନ ନାଏକ ନିଜର ବକ୍ତବ୍ୟ ଛଳରେ ଶିଶୁ ମାନଙ୍କ ପ୍ରତି ଥିବା ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିବା ସହ ଶିଶୁ ମାନଙ୍କୁ ବିଦ୍ୟାଳୟକୁ ପଠାଇବା ପାଇଁ ମା' ମାନଙ୍କୁ ଆହ୍ୱାନ ଦେଇଥିଲେ । ସହକାରୀ ବ୍ଲକ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ ମଞ୍ଚ ପରିଚାଳନା କରିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷଙ୍କ ଓ ଜିଲ୍ଲା ଆଦିବାସୀ ଶିକ୍ଷା ସଂଯୋଜକ ଦୁର୍ଗାପ୍ରସନ୍ନ ଲାୟକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା । ପରିଶେଷରେ ବ୍ଲକ ଶିକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବଶେଷରେ ମାନ୍ୟବର ବିଧାୟକ, ତେଲକୋଇ ଡଃ ଫକୀର ମୋହନ ନାଏକ, ଜିଲ୍ଲାପାଳ ବିଶାଲ ସିଂହ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ପତାକା ହଲାଇ ସଚେତନତା ରଥକୁ ଉଦଘାଟନ କରିଥିଲେ ।ଏହି ସଚେତନତା ରଥଟି ଆଜି ଠାରୁ ୧୦ତାରିଖ ପର୍ଯ୍ୟନ୍ତ ସଦର ବ୍ଲକର ବିଭିନ୍ନ ପଞ୍ଚାୟତ ଓ ବିଦ୍ୟାଳୟ ଗୁଡିକୁ ପରିଦର୍ଶନ କରିବାର ଯୋଜନା ରହିଛି ।



# କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨କୋଟି ଆତ୍ମସାତ୍ ଘଟଣାରେ ୫ନିଲମ୍ବିତ କର୍ମଚାରୀ ଗିରଫ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସରକାରୀ କର୍ମଚାରୀଙ୍କ ବକେୟା ଟଙ୍କା ନାଁରେ ଗଞ୍ଜାମ ଜିଲ୍ଲା କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ୨ କୋଟି ଟଙ୍କା ଆତ୍ମସାତ୍ କରିବା ମାମଲାରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ୫ କର୍ମଚାରୀଙ୍କୁ ଗିରଫ କରିଛି । ସେମାନେ ହେଲେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ସହାୟକ ତଥା ଜାଳିଆଡିର ମାଷ୍ଟରମାଇଣ୍ଡ ଯତୀନ୍ ଭୂୟାଁ, ସିଏଚ୍‌ସିର ମହିଳା ସ୍ୱାସ୍ଥ୍ୟକର୍ମୀ ଭାରତୀ ପ୍ରଧାନ, ଆଟେଣ୍ଡାଣ୍ଟ ଗୋପାଳ ନାହାକ, ସୁଇପର ମନୁ ନାୟକ ବେଗୁନିଆପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆଟେଣ୍ଡାଣ୍ଟ ରାମଚନ୍ଦ୍ର ମଲ୍ଲିକ । ପୂର୍ବରୁ ଏହି କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିଲା । ଗିରଫ ୫ କର୍ମଚାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ୭ ରୁ ୮ ଜଣ କର୍ମଚାରୀ ବକେୟା ଟଙ୍କା ନାମରେ ୨୦୨୩ରୁ ୨୦୨୫ ମଧ୍ୟରେ ସରକାରୀ ତହବିଲରୁ ୨ କୋଟିରୁ ଅଧିକ ଟଙ୍କା ଉଠାଇ ନେଇଥିଲେ । ବରିଷ୍ଠ କିରାଣୀ ଯତୀନ ନିଜ ଡାକ୍ତରଖାନାର କର୍ମଚାରୀଙ୍କୁ ଆର୍ଥିକ ଲୋଭ ଦେଖାଇ ସରକାରୀ ଟ୍ରେଜେରୀରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇବା ପରେ ଉପରୋକ୍ତ ୫ ଜଣ କର୍ମଚାରୀଙ୍କ ଆକାଉଣ୍ଟକୁ ଛାଡ଼ିଥିଲେ । ପରେ ସେମାନେ ନିଜ ଭିତରେ ଟଙ୍କା ବାଣ୍ଟି ନେଉଥିଲେ । ଭିଜିଲାନ୍ସ ତଦନ୍ତ ବେଳେ ଗତ ୩ ବର୍ଷ ଭିତରେ ସୁଇପର ମନୁ ନାୟକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବିଭିନ୍ନ ପର୍ଯ୍ୟାୟରେ ୩୮ ଲକ୍ଷ ଆସିଥିବା ଜଣାପଡ଼ିଛି । ଯତୀନ୍ ଏହି ବେଆଇନ୍ କାରବାର ଅନ୍‌ଲାଇନ୍‌ରେ କରୁଥିବା ବେଳେ କେଉଁ କର୍ମଚାରୀଙ୍କୁ କେତେ ଟଙ୍କା ବକେୟା ଦିଆଗଲା ତାହାର ଫାଇଲ୍ ରଖିନଥିଲେ ବୋଲି ତଦନ୍ତରୁ ଜଣାପଡ଼ିଛି । ମାମଲାରେ ସମ୍ପୃକ୍ତ ଅନ୍ୟ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟର ଖୋଳତାଡ଼ ଚାଲିଛି । କୌଣସି କର୍ମଚାରୀଙ୍କ ସମ୍ପୃକ୍ତି ପ୍ରମାଣିତ ହୁଏ ତାଙ୍କୁ ଗିରଫ କରାଯିବ ବୋଲି ଭିଜିଲାନ୍ସ ଏସ୍‌ପି ପ୍ରଦୀପ ପ୍ରଧାନ କହିଛନ୍ତି । କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆର୍ଥିକ ହେରଫେର୍ ହୋଇଥିବା ନେଇ ଟ୍ରେଜେରୀ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିଲା । ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇ ସିଏଚ୍‌ସିର ୭ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି ।




# ବ୍ୟାସନଗରରେ ଟ୍ରାଫିକ୍ ବିପର୍ଯ୍ୟସ୍ତ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବ୍ଲୁପ୍ରିଣ୍ଟ ନାଲି ଫିତା ତଳେ, କ୍ରମ ବର୍ଦ୍ଧିଷ୍ଣୁ ବ୍ୟାସନଗର ସହରର ଟ୍ରାଫିକ୍ ବିପର୍ଯ୍ୟସ୍ତ ଦିନକୁ ଦିନ ବୃଦ୍ଧି ପାଉଛି । ପୋଲିସ ପକ୍ଷରୁ ଏହି ସମସ୍ୟା ଦୁର କରିବା ପାଇଁ ଚେଷ୍ଟାକଲେ ମଧ୍ୟ ସୁଧାର ଆସୁନାହିଁ । ଏହି ସହରର ଟ୍ରାଫିକ୍ ବିପର୍ଯ୍ୟସ୍ତ ଜନସାଧାରଣ ନିରାପଦ ମଣୁ ନାହାଁନ୍ତି । ଏହି ସହରର ମୁଖ୍ୟ କଳିଙ୍ଗନଗର ଶିଳ୍ପାଞ୍ଚଳର କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାକୁ ସଂଯୋଗ କରୁଥିବାରୁ ଆସାତିତ ଯାନବାହାନ ଚଳାଚଳ ବୃଦ୍ଧି ପାଉଛି । ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ଟ୍ରାଫିକ୍ ନିୟନ୍ତ୍ରଣ ଥିବାରୁ ଯାନବାହାନ ଗୁଡ଼ିକ ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ଠିଆ ହୋଇ ରହୁଛି । ପୋଲିସକୁ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ନାକେଦମ୍ ହେବାକୁ ପଡୁଛି । ଫାୟାର୍ ଷ୍ଟେସନ୍ ଗୋଲେଇ ଛକ, ଚୋରଦା ଛକ, ଚୋରଦା ବାଇପାସ୍ ଛକ, ଗୋପବନ୍ଧୁ ଛକ, ଦଳା ବାଇପାସ୍, ଦଳାଛକ, ଡାକବଙ୍ଗଳା ଛକ, କୋର୍ଟ ଛକ, ମିଲିଟାରୀ ଛକ ପ୍ରଭୃତିରେ ଟ୍ରାଫିକ୍ ଜାମ୍ ରହୁଛି । ଏହି ସହରର ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୧୦ ବର୍ଷ ତଳେ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କ ଘରୋଇ ବିଭାଗଙ୍କୁ ପ୍ରେରଣ କରାଯାଇଥିଲା । ଅଦ୍ୟାବଧି ବ୍ଲୁପ୍ରିଣ୍ଟ ନକ୍ସା ଫାଇଲ୍ ତଳେ ଚାପି ହୋଇ ରହିଯାଇଛି । ବିଧାୟକ ପରେ ବିଧାୟକ ଯାଉଛନ୍ତି ଟ୍ରାଫିକ୍ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନେଉନାହାନ୍ତି ।

# ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଏନିମିଆ ପ୍ରଭାବିତ ମୟୂରଭଞ୍ଜ ଜିଲ୍ଲାରେ ୮ହଜାର ଏନିମିଆ ରୋଗୀ




**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜରେ ଚିନ୍ତା ବଢ଼ାଉଛି ଏନିମିଆ ବା ରକ୍ତହୀନତା ରୋଗ । ଜିଲ୍ଲାରେ ୬୪ ପ୍ରତିଶତ ମହିଳା ରକ୍ତହୀନତା ରୋଗରେ ପୀଡ଼ିତ ଥିବାବେଳେ ଶିଶୁଙ୍କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୮୪ ହଜାରରେ ପହଞ୍ଚିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସମଗ୍ର ରାଜ୍ୟରେ ମୟୂରଭଞ୍ଜ ଏନିମିଆ ଗ୍ରାଫରେ ତଳପଟୁ ଦ୍ୱିତୀୟ ସ୍ଥାନରେ ରହିଛି । ତେଣୁ ଜିଲ୍ଲାକୁ ଏନିମିଆ ମୁକ୍ତ କରିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସ୍ୱର୍ଣ୍ଣଅଳଙ୍କାର ସଂସ୍ଥା ଖିମ୍‌ଜୀ ଦୟାଭାଇ କମ୍ପାନୀ । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସହଯୋଗିତାରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଦୁଇଟି ସଚେତନତା ମୋବାଇଲ୍ ଭ୍ୟାନ୍ ଜିଲ୍ଲାର ୨୬ଟି ଯାକ ବ୍ଲକରେ ବୁଲି ଏହି ସଚେତନତା କାର୍ଯ୍ୟ କରିବ । କେବଳ ସେତିକି ନୁହେଁ, ଖିମ୍‌ଜୀ ସଂସ୍ଥା ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୪ଟି ଉପଖଣ୍ଡକୁ ୧୬ଟି ଏନିମିଆ ପରୀକ୍ଷଣ ଯନ୍ତ୍ର ସହିତ ୧୬ ହଜାର ଟେଷ୍ଟିଙ୍ଗ କିଟ୍ ଓ ଅନ୍ୟାନ୍ୟ ଔଷଧ ପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ବାରିପଦା ସହିଦ୍ ସ୍ମୃତି ଭବନ ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସଚେତନତା ବାର୍ତ୍ତା ସହିତ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ସବୁଜ ପତାକା ଦେଖାଇ ଦୁଇଟି ସଚେତନତା ଭ୍ୟାନ୍‌ର ଶୁଭାରମ୍ଭ କରିଛନ୍ତି । ତେବେ ଏଭଳି ଏକ ଚିନ୍ତାଜନକ ସ୍ଥିତିରେ ମୟୂରଭଞ୍ଜକୁ ଏନିମିଆ ବା ରକ୍ତହୀନତା ଭଳି ଏକ ମାରାତ୍ମକ ବ୍ୟାଧିରୁ ରକ୍ଷା କରିବା ପାଇଁ ପ୍ରୟାସ ଆରମ୍ଭ କରିଥିବା ଖିମ୍‌ଜି ସ୍ୱର୍ଣ୍ଣଅଳଙ୍କାର ସଂସ୍ଥାକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଥିବା ବେଳେ ଦୀର୍ଘ ୮୯ ବର୍ଷ ଧରି ମୟୂରଭଞ୍ଜର ଜନସାଧାରଣ ଯେଉଁଭଳି ଖିମ୍‌ଜୀ ସଂସ୍ଥାକୁ ବିଶ୍ୱାସ ଓ ଭଲପାଇବା ଦେଇଛନ୍ତି ତା ପ୍ରତିବଦଳରେ ଏଭିଳି ଏକ ପରିସ୍ଥିତିରେ ଖିମ୍‌ଜୀ ସଂସ୍ଥା ଜିଲ୍ଲାବାସୀଙ୍କୁ ଏକ ଉତ୍ତମ ସ୍ୱାସ୍ଥ୍ୟ ତଥା ସୁସ୍ଥ ସମାଜ ଦେବା ଏକ କର୍ତ୍ତବ୍ୟ ବୋଲି କହିଛନ୍ତି ଖିମ୍‌ଜୀ ଦୟାଭାଇ କମ୍ପାନୀର ସିଇଓ ନିଶିଥ ନନ୍ଦା ।



# ସରକାରୀ ସହାୟତା ଅପେକ୍ଷାରେ କାଳବୈଶାଖୀ କ୍ଷତିଗ୍ରସ୍ତ

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରକୃତିର କରାଳ ରୂପ ପରେ ଏବେ ପ୍ରଶାସନିକ ଅବହେଳାର ଶିକାର ହୋଇଛନ୍ତି ଜଣେ ଗରିବ ପରିବାର । ମୟୂରଭଞ୍ଜ ଜିଲ୍ଲା ବହଳଦା ତହସିଲ ଅନ୍ତର୍ଗତ ଇନ୍ଦକୋଳି (ବାଲିଆଡିପା) ଗ୍ରାମରେ ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି । କାଳବୈଶାଖୀ ପ୍ରଭାବରେ ଘର ହରାଇଥିବା ବିପନ୍ନ ପରିବାରକୁ ଏ ପର୍ଯ୍ୟନ୍ତ କୌଣସି ସରକାରୀ କ୍ଷତିପୂରଣ ମିଳିନଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, କିଛିଦିନ ପୂର୍ବେ ହୋଇଥିବା କାଳବୈଶାଖୀରେ ଇନ୍ଦକୋଳି (ବାଲିଆଡିପା) ଗ୍ରାମର ପିଣ୍ଟୁ ହେମ୍ବ୍ରମଙ୍କ ପୁଅ ଛୋଟ ହେମ୍ବ୍ରମଙ୍କ ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା । ଆଶ୍ରୟହୀନ ହୋଇପଡ଼ିଥିବା ଏହି ପରିବାର ତୁରନ୍ତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ (ଜଓ)ଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ସେହି ସମୟରେ ଆର.ଆଇ. ଘଟଣାସ୍ଥଳ ପରିଦର୍ଶନ କରିବା ସହ ଖୁବ୍‌ଶୀଘ୍ର ସରକାରୀ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ତେବେ ଘଟଣାକୁ ଅନେକ ଦିନ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସହାୟତା ରାଶି ଛୋଟ ହେମ୍ବ୍ରମଙ୍କ ପରିବାର ପାଖରେ ପହଞ୍ଚିନାହିଁ । ବର୍ତ୍ତମାନ ଭଙ୍ଗା ଘରେ ରହିବା ସେମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଛି । ବାରମ୍ବାର ଗୁହାରି ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆନଯିବା ଫଳରେ ପରିବାର ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ଘରପୋଡ଼ି ନିଆଁରେ ଜଳିଗଲେ ଭିନ୍ନକ୍ଷମ ବୃଦ୍ଧା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ଟିକିରା ପଡା ଗ୍ରାମରେ ଶୁକ୍ରବାର ଦିନ ଅଗ୍ନିକାଣ୍ଡ ଘଟି ଘର ଭିତରେ ଥିବା ଜଣେ ଭିନ୍ନକ୍ଷମ ବୃଦ୍ଧା ଜଳିଯାଇଥିବା ସୂଚନା ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ଟିକିରା ପଡା ଗ୍ରାମରେ ସୂର୍ଯ୍ୟକାନ୍ତୀ ସାହୁ ନାମକ ଜଣେ ପକ୍ଷାଘାତ ପୀଡିତା ୬୦ ବର୍ଷୀୟା ବୃଦ୍ଧା ନିଜ ପୁଅ ସହ ରହୁଥିଲେ । ତାଙ୍କ ପୁଅ ବାଉଁଶୁଣୀ ବଜାର ଆଡେ କୌଣସି କାମରେ ଯାଇଥିବାବେଳେ ତାଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଘରର ସମସ୍ତ ସାମଗ୍ରୀ ସହ ସୂର୍ଯ୍ୟକାନ୍ତି ମଧ୍ୟ ସମ୍ପୂର୍ଣ୍ଣ ପୋଡ଼ିଯାଇଥିଲେ । ଖବରପାଇ ବାଉଁଶୁଣୀ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ଓ ପୋଡିଯାଇଥିବା ବୃଦ୍ଧାଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନା ନେଇଥିଲେ । ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ଖବରପାଇ ବାଉଁଶୁଣୀ ପୋଲିସ ତଦନ୍ତ ଆରମ୍ଭ କରିଛି ।



# ଚୋରା ଦେଶୀମଦ ଜବତ:୨ ଗିରଫ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ଅବକାରୀ ବିଭାଗ ତରଫରୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୯୫ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି । ଏ ସଂକ୍ରାନ୍ତରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଟାଙ୍ଗୀ ଥାନା ଭଗତପୁରର ଦୀପକ କୁମାର ମଲ୍ଲିକ ଓ ମାଧପୁରର କାହ୍ନୁ ବେହେରା । ଅଞ୍ଚଳରେ ବ୍ୟାପକ ଚୋରାମଦ କାରବାର ହେଉଥିବା ଖବରପାଇ ଇନ୍ସପେକ୍ଟର ମାନସୀ ନାୟକଙ୍କ ନେତୃତ୍ୱରେ ଚୌଦ୍ୱାର ଅବକାରୀ ଥାନା ଇନ୍ସପେକ୍ଟର ଭକ୍ତ ବତ୍ସଳ ଜେନା, ଆଶୁତୋଷ ଜେନା ଓ ବାଳକୃଷ୍ଣ ବିଶ୍ୱାଳ ପ୍ରମୁଖଙ୍କ ଏକ ଟିମ୍ ଗୁରୁଜଙ୍ଗ, ମାଧପୁର, ଭଗତପୁର ଆଦି ଅଞ୍ଚଳରେ ଚଢ଼ଉ କରିଥିଲେ ।



## ୧୪ ଫୁଟ୍‌ର ଅହିରାଜ ସାପ ଉଦ୍ଧାର

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଗୋଟିଏ ବିରାଟକାୟ ଅହିରାଜ ସାପକୁ ଉଦ୍ଧାର କରିଛି ବନ ବିଭାଗ । ମୟୂରଭଞ୍ଜ ଜିଲ୍ଲାର ମଣଦା ରେଞ୍ଜ ଅନ୍ତର୍ଗତ କଟାସ ଗ୍ରାମରୁ ଉଦ୍ଧାର କରିଛି ବନ ବିଭାଗ । ସୂଚନା ଅନୁଯାୟୀ, କଟାସ ଗ୍ରାମର ସୁରେନ୍ଦ୍ର ନାଏକଙ୍କ ଘରେ ରାତିରେ ଏକ ବିରାଟ ଅହିରାଜ ସାପ ବାହାରିଥିଲା । ଅହିରାଜଟି ଘର ଭିତରେ ସାପଟି ଫଁ ଫଁ ଗର୍ଜନ ଛାଡୁଥିବା ବେଳେ ବିରାଟକାୟ ସାପଟିକୁ ଦେଖି ପରିବାର ଲୋକ ଭୟଭୀତ ହୋଇଯାଇଥିଲେ । ତୁରନ୍ତ ଏ ସମ୍ପର୍କରେ ମଣଦା ରେଞ୍ଜ ଅଫିସ୍‌କୁ ଖବର ଦେଇଥିଲେ । ରାତିରେ ମଣଦା ରେଞ୍ଜ ଅଫିସ୍‌ରୁ ବନବିଭାଗ କର୍ମଚାରୀମାନେ କଟାସ ଗ୍ରାମକୁ ଆସି ଅହିରାଜ ସାପଟିକୁ ଉଦ୍ଧାର କରିଥିଲେ । ଅହିରାଜ ସାପଟି ୧୪ ଫୁଟ ଲମ୍ବା ହୋଇଥିବା ବେଳେ ନିକଟସ୍ଥ ବିଦୁଭଣ୍ଡାର ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦେଇଥିଲା ବନବିଭାଗ ।

# ଓର୍‌ମାସ୍ ପକ୍ଷରୁ ୨ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ:ଯୁବପିଢିଙ୍କୁ ପାରମ୍ପରିକ କୌଶଳରେ ସଶକ୍ତୀକରଣ କରାଯିବ

**କଟକ, ନ୍ୟୁଜ୍ ବ୍ୟୁରୋ**

ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପରିକ କୌଶଳ ପ୍ରତି ଯୁବପିଢିଙ୍କ ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ORMAS, କଟକ ଦ୍ୱାରା ଦୁଇଦିନିଆ ମାକ୍ରାମେ (Macrame) ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ମାକ୍ରମେ ହେଉଛି ଏକ ପାରମ୍ପରିକ ହସ୍ତଶିଳ୍ପ, ଏଥିରେ ସୂତା କିମ୍ବା ରସିକୁ ବିଭିନ୍ନ ପ୍ରକାରର ଗାଠି ପକାଇ ସୁନ୍ଦର ଆଳଙ୍କାରିକ ବସ୍ତୁ ପ୍ରସ୍ତୁତ କରାଯାଏ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟର MBA ବିଭାଗର ୩୦ ଜଣ ଛାତ୍ରଛାତ୍ରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନେ ମାକ୍ରାମେ ହସ୍ତଶିଳ୍ପର ମୌଳିକ ଗାଠି ପ୍ରଣାଳୀ, ଡିଜାଇନ୍ ପ୍ରସ୍ତୁତି, ଉତ୍ପାଦ ବିକାଶ ଓ ବଜାର ସମ୍ଭାବନା ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ଆହରଣ କରିଥିଲେ । ଏହା ସହିତ ହସ୍ତଶିଳ୍ପ ଉତ୍ପାଦର ମୂଲ୍ୟ ବୃଦ୍ଧି, ବ୍ରାଣ୍ଡିଂ ଓ ବଜାରୀକରଣ ବିଷୟରେ ମଧ୍ୟ ତାଙ୍କୁ ଅବଗତ କରାଯାଇଥିଲା । ଏହି ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଗ୍ରାମୀଣ ଶିଳ୍ପୀମାନଙ୍କ କୌଶଳ ଓ ହସ୍ତଶିଳ୍ପ ଉତ୍ପାଦର ବ୍ୟବସାୟିକ ସମ୍ଭାବନା ସମ୍ପର୍କରେ ନିକଟରୁ ଅନୁଭବ ଅର୍ଜନ କରିଥିଲେ । ଏହା ତାଙ୍କର ପାରମ୍ପରିକ ଶିଳ୍ପ ପ୍ରତି ଆଗ୍ରହ ବୃଦ୍ଧି ସହିତ ଗ୍ରାମୀଣ ଉଦ୍ୟମିତା ବିକାଶ ପ୍ରତି ସଚେତନତା ସୃଷ୍ଟି କରିଛି ବୋଲି ବିପିନ ରାଉତ, ଯୁଗ୍ମ କାର୍ଯ୍ୟ ନିର୍ବାହୀ, ଓର୍‌ମାସ୍ କହିଛନ୍ତି । ଶେଷରେ ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀଙ୍କ ସମେତ ଓ ଚିତ୍ତରଞ୍ଜନ ପଟ୍ଟନାୟକ, ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓର୍‌ମାସ୍, ଶିକ୍ଷାର୍ଥୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଓର୍‌ମାସ୍ (ORMAS) ପକ୍ଷରୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଏପରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବପିଢିଙ୍କୁ ଗ୍ରାମୀଣ ହସ୍ତଶିଳ୍ପ ଓ ଉଦ୍ୟମିତା ସହ ଯୋଡିବାରେ ORMAS ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛି ।



# ସମାଜର ତଳ ଶ୍ରେଣୀର ଜନତାଙ୍କ ବିକାଶରେ ସମୃଦ୍ଧ ଓଡ଼ିଶା ଗଠନ ସମ୍ଭବ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ପରିଷଦର ସପ୍ତମ ସାଧାରଣ ବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଅଧକ୍ଷତା କରିଥିଲେ । ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସଦ ଜଗତସିଂହପୁର ବିଭୁ ପ୍ରସାଦ ତରାଇ କହିଲେ ଯେ, ସମାଜର ଶେଷ ବର୍ଗର ଲୋକର ବିକାଶ ହୋଇପାରିଲେ ହିଁ ଜିଲ୍ଲା ତଥା ରାଜ୍ୟର ବିକାଶ ଦ୍ୱିଗୁଣିତ ହୋଇପାରିବ । ଜିଲ୍ଲା ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟରେ କାର୍ଯ୍ୟ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ । ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ବିଶେଷ କରି ବିଜିବିଓ (ବିକଶିତ ଗାଁ ବିକଶିତ ଓଡ଼ିଶା)ର ସଠିକ୍ ଓ ସମୟାନୁବର୍ତ୍ତି କାର୍ଯ୍ୟାନ୍ୱୟନ ବିଷୟରେ ଗୁରୁତ୍ୱାରୋପ କରିଥିଲେ । ଲୋକପ୍ରତିନିଧି ମାନେ ସକାରାତ୍ମକ ଚିନ୍ତାଧାରା ସହ ପ୍ରଶାସନ ସହ ମିଶି କାମକଲେ ନିଶ୍ଚିତ ଭାବେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଂସଦ କହିଥିଲେ । ସମ୍ମାନିତ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ସ୍ଥାନୀୟ ସମସ୍ୟାକୁ ସଠିକ୍ ଭାବେ ପ୍ରଶାସନ ନିକଟରେ ପହଞ୍ଚାଇବା ସହ ରାଜନୈତିକ ଇଚ୍ଛାଶକ୍ତି ଏବଂ ପ୍ରଶାସନିକ କଳର ସମନ୍ୱୟରେ ଜିଲ୍ଲାର ଅଗ୍ରଗତି ହେବ ବୋଲି ସେ କହିଥିଲେ । ଯୋଜନା ପ୍ରଣୟନ ଏବଂ ଏହାର କାର୍ଯ୍ୟକାରିତା ସଠିକ୍ ଭାବରେ ହୋଇପାରିଲେ ବିକାଶ ସୁନିଶ୍ଚିତ ବୋଲି ଶ୍ରୀ ଜେନା କହିଥିଲେ । ବିଜିବିଓର କାର୍ଯ୍ୟକାରିତା ନେଇ ଉପୁଜୁଥିବା ସମସ୍ୟା ଓ ପରିଷଦ ସଭ୍ୟମାନଙ୍କ ଦାବି ବିଷୟରେ ସମୀକ୍ଷା କରିଥିଲେ । ଏହାପରେ ଜିଲ୍ଲାପାଳ ଜେ ସୋନାଲ ମଧ୍ୟ ଜନପ୍ରତିନିଧି ଓ ପ୍ରଶାସନର ମିଳିତ ଉଦ୍ୟମରେ ଜିଲ୍ଲାର ଉନ୍ନତି ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ସଭାର ସଭାପତି କାର୍ଯ୍ୟସୂଚୀ ଅନୁଯାୟୀ ଗୃହକୁ ଆଗେଇ ନେଇଥିଲେ । ପ୍ରଥମେ କୃଷି ବିଭାଗର ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋଚନା ହୋଇଥିଲା । ସାର, ଖତ ଆଦି କ୍ରୟ ବିକ୍ରୟରେ ଜନପ୍ରତିନିଧି, ଚାଷୀ ଓ କୃଷି ବିଭାଗ ମିଶି କାମ କରିବାକୁ କହିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ କୃଷି ଭିତ୍ତିକ ଯୋଜନାକୁ କୃଷି ମନ୍ତ୍ରୀଙ୍କ ଜରିଆରେ ଲୋକଙ୍କ ପାଖରେ ପହଞ୍ଚାଇବା, ଜିଲ୍ଲାରେ ମୃତ୍ତିକା ସର୍ବେକ୍ଷଣ କରାଯାଇ କେଉଁଠାରେ କେଉଁ ଚାଷ କରାଯିବ ତାହାର ତାଲିକା ପ୍ରସ୍ତୁତ ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ଧରତି ମାତା ବଚାଓ ଅଭିଯାନରେ ଜୈବିକ ପଦ୍ଧତିରେ ଚାଷ, ପିଏମ୍ କିଷାନ୍, ସିଏମ୍ କିଷାନ୍, ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, ଡିଜିଟାଲ୍ କ୍ରପ୍ ସର୍ଭେ ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ସମସ୍ତ ରାଜସ୍ୱ ଗ୍ରାମର ମୃତ୍ତିକା ପରୀକ୍ଷା ଏବଂ ଜିଲ୍ଲାରେ ସୋରିଷ, ଚିନା ବାଦାମ୍, ସୂର୍ଯ୍ୟମୁଖୀ ପରି ତୈଳବୀଜ ଚାଷ ଉପରେ ଆଲୋଚନା ହୋଇଥିଲା । ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୌଳିକ ସୁବିଧା ଯୋଗାଣ ବିଷୟରେ ଆଲୋଚନା ହୋଇଥିଲା । ଗ୍ରାମ ସଭା ଦ୍ୱାରା ଏଚ୍‌ପିଭି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କରିବା, ବିଦ୍ୟାଳୟ ମହାବିଦ୍ୟାଳୟ ସ୍ତରରେ ମଧ୍ୟ ଏଡଲୋସେଣ୍ଟ ଝିଅ ମାନଙ୍କୁ ସଚେତନ କରିବା ନେଇ ଆଲୋଚନା ହୋଇଥିଲା । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଶିକ୍ଷକ ନିଯୁକ୍ତି, ଜଳ ସେଚନ ବିଭାଗରେ ଖରାଦିନ ହୋଇଥିବାରୁ ଅକାମୀ ଉଠା ଜଳସେଚନ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ବିଷୟରେ ଆଲୋଚନା ହୋଇଥିଲା । ନିୟମିତ ଭାବେ କେନାଲ ସଫେଇ, ଖନନ, ଜଳ ଯୋଗାଣ ଓ ଆବଣ୍ଟନ ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲା ସମାଜ ମଙ୍ଗଳ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଡ୍ରେନେଜ୍ ବିଭାଗ, ମହାନଦୀ ଦକ୍ଷିଣ ବିଭାଜନ, କଟକ, ଉପ-ନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ ବିଷୟରେ ଆଲୋଚନା ହୋଇଥିଲା । ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପୂର୍ତ୍ତ, ଗୃହ ନିର୍ମାଣ ଓ ଗ୍ରାମ ଉନ୍ନୟନ ବିଭାଗ, ସମବାୟ ବିଭାଗ ବିଷୟରେ ଆଲୋଚନା ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ପରିଷଦ ଉପ ସଭାପତି ସୁଜାତା ମହାନ୍ତି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଜିଲ୍ଲା ପରିଷଦ ସଭ୍ୟସଭ୍ୟା, ପଞ୍ଚାୟତ ସମିତି ଅଧକ୍ଷ ଅଧକ୍ଷା, ବି.ଡି.ଓ, ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।





## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ


**ତା୧୨।୦୪।୨୦୨୬, ଚୈତ୍ର ଦି୨୯ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୩୫।୨୫ ଚନ୍ଦ୍ରୋଦୟ- ରାଘ ୨।୩୦।୪୬**


**ଦଶମୀ-** ରାଘ ୧।୧୯ ପର୍ଯ୍ୟନ୍ତ । ଶ୍ରବଣା ନକ୍ଷତ୍ର ଦିଘ ୩।୧୫ ପର୍ଯ୍ୟନ୍ତ । **ମକର ଚନ୍ଦ୍ର-** ରାଘ ୩।୪୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, କର୍କଟ, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ରାଘ ୩।୪୫ ଗତେ ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସିଂହ ରାଶିର । ରାଘ ୧।୧୯ ଗତେ ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୧।୦୯ ଗତେ ଶିମ୍ବ ଓ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଦିଘ ୯।୪୫ ମଧ୍ୟେ । ଦିଘ ୧।୭୨ ଗତେ ଦିଘ ୧।୫୩ ମଧ୍ୟେ ।




**ମେଷ:** ଶତ୍ରୁ ନାଶ ହେବେ । ଆୟର ପରିମାଣ ବଢ଼ିବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ସାମାଜିକ ସ୍ତରରେ ମାନସମ୍ମାନ ବଢ଼ିବାର ସୂଚନା ।



**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ ସହଯୋଗ ପ୍ରାପ୍ତ କରିବେ । ରୋଜଗାର ମଧ୍ୟମ ଧରଣର ହେବ । ଦାମ୍ପତ୍ୟ ଜୀବନ ମଧୁରମୟ ହେବ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ ।



**ମିଥୁନ:** ଯଶ ଖ୍ୟାତି ଲାଭ ହେବ । ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ପାରିବାରିକ ଜୀବନ ସୁଖମୟ ହେବ । ଛୋଟ କଥା ପାଇଁ ବନ୍ଧୁଙ୍କ ସହ ମତାନ୍ତର ହୋଇପାରେ ।



**କର୍କଟ:** ଚାକିରୀ କ୍ଷେତ୍ରରେ ସଫଳତା ହାସଲ ହେବ । ଦେହ ଓ ମନ ଭଲ ରହିବ । ଘରେ ଆନନ୍ଦ ଦେଖାଦେବ । ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।




**ସିଂହ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବନାହିଁ । ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମନୋନିତ ହେବନାହିଁ । ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ । ବ୍ୟୟର ମାତ୍ରା ବଢ଼ିବ ।



**କନ୍ୟା:** ଦୂରଯାତ୍ରା କରି ସଫଳତା ହାସଲ କରିବେ । ନୂତନ କର୍ମାରମ୍ଭ କରିବାର ସୁଯୋଗ ସୃଷ୍ଟି ହୋଇପାରେ । ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ । ଘରେ ଶାନ୍ତିର ବାତାବରଣ ରହିବ । ମନ ଭଲ ରହିବ ।



**ତୁଳା:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆର୍ଥିକ ସ୍ଥିତି ଭଲ ରହିବ । ବିବାଦୀୟ କ୍ଷେତ୍ରରୁ ଦୂରେଇ ରହିବା ଶ୍ରେୟସ୍କର । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ ।



**ବିଛା:** ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ । ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ । ସାଧନାରେ ସିଦ୍ଧି ଲାଭ କରିବେ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ ।



**ଧନୁ:** କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇ ଉପକୃତ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେବ ଦର୍ଶନ କରିପାରନ୍ତି । କଚେରି ମାମଲାରେ ଶୁଣାଣି ଟିକେ ଡେରି ହେବ ।



**ମକର:** ଆଜି ଆପଣଙ୍କର ଦିନଟି ଭଲରେ କଟିବ । ବ୍ୟବସାୟରେ ଲାଭବାନ୍ ହେବେ । ଶରୀର ସୁସ୍ଥ ରହିବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଘରେ ଶାନ୍ତି ଲାଭ ହେବ ।



**କୁମ୍ଭ:** ବନ୍ଧୁଙ୍କ ସହ କଳହ ସୃଷ୍ଟି ହୋଇପାରେ । ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ପାରିବାରିକ ଅସନ୍ତୋଷ ମଧ୍ୟ ଦେଖାଦେଇପାରେ ।



**ମୀନ:** ସତ୍ କର୍ମରେ ଲିପ୍ତ ରହିବେ । ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ ହେବେ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ ସୁଖୀ ହେବେ । ଦେହ ଭଲ ରହିବ ।

# ବାଲେଶ୍ୱରରେ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ବାଲେଶ୍ୱର ସାଂସଦ

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡାଙ୍କୁ ସାକ୍ଷାତ୍ କରି ବାଲେଶ୍ୱର ସମ୍ବନ୍ଧୀୟ କିଛି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ସାକ୍ଷାତ ସମୟରେ ସେ ନିମ୍ନଲିଖିତ ବିଷୟଗୁଡିକ ଉପରେ ଦୀର୍ଘ ଆଲୋଚନା କରିବା ସହ ପତ୍ର ପ୍ରଦାନ କରିଛନ୍ତି । ପ୍ରମୁଖ ଦାବି ଗୁଡିକ ମଧ୍ୟରେ ବାଲେଶ୍ୱରରେ ଏକ କ୍ୟାନ୍ସର ହସ୍ପିଟାଲ୍ ସ୍ଥାପନ, ସିଜିଏଚ୍‌ଏସ୍ ସେଣ୍ଟର ସ୍ଥାପନ, ପୂର୍ବରୁ ସ୍ଥାପିତ ହୋଇଥିବା କିନ୍ତୁ ଏପର୍ଯ୍ୟନ୍ତ ପୂର୍ଣ୍ଣରୂପେ କାର୍ଯ୍ୟରତ ନହୋଇଥିବା ବାଲେଶ୍ୱର ଏମ୍ସ ସ୍ୟାଟେଲାଇଟ୍ ସେଣ୍ଟରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା । ସାଧାରଣ ଲୋକଙ୍କ ହିତକୁ ଦୃଷ୍ଟିରେ ରଖି, ବାଲେଶ୍ୱରର ଏମ୍ସ ସ୍ୟାଟେଲାଇଟ୍ ସେଣ୍ଟରକୁ ଆଉ କୌଣସି ବିଳମ୍ବ ନକରି ସମ୍ପୂର୍ଣ୍ଣ ଭାବେ ଚାଲୁ କରିବା ପାଇଁ ସେ ତାଙ୍କୁ ନିବେଦନ କରିଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନଡ୍ଡା ଏହାକୁ ଗୁରୁତର ସହ ନେଇ ନିଶ୍ଚିତ କରିବା ପାଇଁ ପ୍ରତିଶୃତି ଦେଇଛନ୍ତି ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୩।୦୪।୨୦୨୬, ଚୈତ୍ର ଦି୩୦ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୩୩।୩୭ ଚନ୍ଦ୍ରୋଦୟ- ରାଘ ୩।୦୭।୨୮**

**ଏକାଦଶୀ-** ରାଘ ୧।୧୧ ପର୍ଯ୍ୟନ୍ତ । ଧନିଷ୍ଠା ନକ୍ଷତ୍ର ଦିଘ ୪।୦୫ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ଓ ଆମିଷ ରାଘ ୧।୧୧ ଗତେ ପୋଇ ଓ ମସୁର ଡାଲି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୭ ଗତେ ଦିଘ ୭।୦୯ ମଧ୍ୟେ । ଦିଘ ୧୦।୩୪ ଗତେ ଦିଘ ୧।୦୩ ମଧ୍ୟେ । **ପର୍ବୋତ୍ସବ-** ମାସାନ୍ତ, ବରୁଥିନୀ ଏକାଦଶୀ, ଜାଲିଆନାୱାଲାବାଗ ଦିବସ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଠକେଇରୁ ବର୍ତ୍ତିବାକୁ ସରକାରଙ୍କ ୩ଟି ମନ୍ତ୍ର

ସ୍ୱଳ୍ପ ସମୟରେ ଅଧିକ ଟଙ୍କା ରୋଜଗାର କରିବାର ଲୋଭ ଦେଖାଇ ସାଧାରଣ ଲୋକଙ୍କୁ କାଙ୍ଗାଳ କରୁଛନ୍ତି ସାଇବର ଲୁଟେରା । ବିଶେଷ କରି ଫେକ୍ ଟ୍ରେଡିଂ ଆପ୍ ଜରିଆରେ ବଡ଼ ଧରଣର ସ୍କାମ୍ ଚାଲିଥିବା ଦେଖିବାକୁ ମିଳିଛି । ଏହି ବଢୁଥିବା ବିପଦକୁ ଦୃଷ୍ଟିରେ ରଖି ଭାରତ ସରକାର ଏବେ ଏକ ନୂଆ ଆଡଭାଇଜରୀ ବା ସତର୍କ ସୂଚନା ଜାରି କରିଛନ୍ତି । ସରକାରୀ ଆଡଭାଇଜରୀ ଅନୁଯାୟୀ, ଠକମାନେ ଅବିକଳ ଅସଲି ଟ୍ରେଡିଂ ଆପ୍ ଭଳି ଦେଖାଯାଉଥିବା ନକଲି ଆପ୍ ତିଆରି କରୁଛନ୍ତି । ଜାଲରେ ପକାଇବା: ସୋସିଆଲ ମିଡିଆ ବିଜ୍ଞାପନ, ହ୍ୱାଟ୍ସଆପ୍ ମେସେଜ୍ କିମ୍ବା ଲିଙ୍କ୍ ଜରିଆରେ ଲୋକଙ୍କୁ ଏହି ଆପ୍ ଡାଉନଲୋଡ୍ କରିବାକୁ ପ୍ରବର୍ତ୍ତାଯାଏ । ଥରେ ଟଙ୍କା ନିବେଶ କଲା ପରେ, ଏକ ଫେକ୍ ଡ୍ୟାଶବୋର୍ଡ ଜରିଆରେ ଲୋକଙ୍କୁ ବହୁତ ଲାଭ ହେଉଥିବା ଦେଖାଯାଏ । ଏହି ଲାଭ ଦେଖି ଲୋକମାନେ ଅଧିକ ଟଙ୍କା ନିବେଶ କରନ୍ତି, କିନ୍ତୁ ବାସ୍ତବରେ ସେହି ଟଙ୍କା ଠକମାନଙ୍କ ଆକାଉଣ୍ଟକୁ ଚାଲିଯାଇଥାଏ । ରକ୍ଷା ପାଇବା ପାଇଁ ସରକାରଙ୍କ ୩ଟି ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଏଭଳି ଠକେଇରୁ ବଞ୍ଚିବା ପାଇଁ ସରକାର ମୁଖ୍ୟତଃ ତିନୋଟି କଥା ଉପରେ ଧ୍ୟାନ ଦିଅନ୍ତୁ- ବ୍ୟାଙ୍କ ବିବରଣୀ ଯାଞ୍ଚ କରନ୍ତୁ- ଯେକୌଣସି ଆପ୍‌ରେ ଟଙ୍କା ଜମା କରିବା ପୂର୍ବରୁ ସେହି ସଂସ୍ଥାର ଅଫିସିଆଲ୍ ୱେବସାଇଟ୍ ବା ସୋର୍ସରୁ ବ୍ୟାଙ୍କ ଡିଟେଲ୍ସ ଯାଞ୍ଚ କରନ୍ତୁ । ଆପଣଙ୍କ ଟଙ୍କା ସଠିକ୍ ଜାଗାକୁ ଯାଉଛି କି ନାହିଁ ନିଶ୍ଚିତ ହୁଅନ୍ତୁ । UPI ହ୍ୟାଣ୍ଡେଲ୍‌ର ସତ୍ୟତା: ପେମେଣ୍ଟ ଗେଟୱେ ବା UPI ଆଇଡିର ଅଥେଣ୍ଟିସିଟି ଚେକ୍ କରନ୍ତୁ । ନକଲି ଆପ୍‌ଗୁଡ଼ିକ ସାଧାରଣତଃ ସନ୍ଦେହଜନକ ପେମେଣ୍ଟ କ୍ରେଡେନସିଆଲ୍ ବ୍ୟବହାର କରିଥାନ୍ତି । ଭେରିଫାଇଡ୍ ଲେବଲ୍ ଦେଖନ୍ତୁ: ଆପ୍ ଡାଉନଲୋଡ୍ କରିବା ପୂର୍ବରୁ ସେଥିରେ ଭେରିଫାଇଡ୍ ଲେବଲ୍ କିମ୍ବା ସାର୍ଟିଫିକେସନ୍ ଅଛି କି ନାହିଁ ଦେଖନ୍ତୁ । କେବଳ ପ୍ଲେ-ଷ୍ଟୋର କିମ୍ବା ଆପଲ୍ ଷ୍ଟୋରରୁ ବିଶ୍ୱସ୍ତ ଆପ୍ ବ୍ୟବହାର କରନ୍ତୁ । ଠକେଇର ଶିକାର ହେଲେ କ'ଣ କରିବେ ? ଯଦି ଆପଣ କିମ୍ବା ଆପଣଙ୍କ ପରିଚିତ କେହି ଏଭଳି ଆର୍ଥିକ ଠକେଇର ଶିକାର ହୁଅନ୍ତି, ତେବେ ଡରି ନଯାଇ ତୁରନ୍ତ ପଦକ୍ଷେପ ନିଅନ୍ତୁ । ତୁରନ୍ତ ନ୍ୟାସନାଲ ସାଇବର କ୍ରାଇମ ହେଲ୍ପଲାଇନ ନମ୍ବର ୧୯୩୦କୁ କଲ୍ କରନ୍ତୁ । ସରକାରଙ୍କ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ୍ cybercrime.gov.in ରେ ନିଜର ଅଭିଯୋଗ ଦାଖଲ କରନ୍ତୁ । ଅଧିକ ସୁରକ୍ଷିତ ରହିବା ପାଇଁ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ପଠାଯାଇଥିବା କୌଣସି ଲିଙ୍କ୍ କିମ୍ବା "Free Trading Tips" ଉପରେ ଭରସା କରନ୍ତୁ ନାହିଁ । ଆପଣଙ୍କ ଗୋଟିଏ ସାବଧାନତା ଆପଣଙ୍କୁ ବଡ଼ କ୍ଷତିରୁ ବଞ୍ଚାଇ ପାରିବ ।

## ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ
## ବିଶ୍ୱରୂପ ଦର୍ଶନ

---



### ସେକାଳ - ଏକାଳ

ଆଉ ନାହିଁ ଚୁଲିଝିଙ୍କା
ମାଟି ହାଣ୍ଡି ଗୋବର ଗାଣ୍ଡୁଆ
ଧଳା ମାର୍ବଲ ପରି
ବାହାରଟା ଖାଲି ଚକ୍ ଚକ୍
ଭିତରେ ଏଣେ ଅଳିଆ
ଆଉ ନାହିଁ ... ଗାଣ୍ଡୁଆ ।୧।
ଲିଟୁ ମର୍କୁରୀର ସାଜସଜ୍ଜା
ଗ୍ରାଇଣ୍ଡର ୱାସିଙ୍ଗ ମେସିନ
ପ୍ରେସର କୁକର ଗ୍ୟାସଚୁଲା
ଆଉ ନାହିଁ, କୁଲା ବାଉଁଶିଆ
ଲଣ୍ଠନ, ଡିବିରି, ଚାଳୁଆ ଘର
ମୋଜାଇକ ହ୍ୱାଇଟ୍ ହାଉସ
ଘରକୁ କର୍ଡଲେସ ଫୋନ ତାର
ତେବେ ଯାଇ ବଡ ଘରୁଆ
ଆଉ ନାହିଁ .... ଗାଣ୍ଡୁଆ ।୨।
ଆଉ ନୁହେଁ ପରାଧୀନ
ସମସ୍ତେ ସ୍ୱାଧୀନ
ଯିଏ ଯାହା କରି ପାରିଲା
ଚୋରି, ନାରୀ, ଧର୍ଷଣ,
ଲୁଣ୍ଠନ, ଅପହରଣ, ମର୍ଡର
ଯୌତୁକ ଜନିତ ନାରୀ ନିର୍ଯ୍ୟାତନା
ପୋଡାଜଳ ହିଂସା ଓ ଅନ୍ୟାୟ
ସବୁଠି ସିଏ ବଡୁଆ
ଆଉ ନାହିଁ .... ଗୋବର ଗାଣ୍ଡୁଆ ।୩।
ଆଉ ନାହିଁ ବୁଢୀମା' କଜଳ
ଫରେନ କସମେଟିକ୍ସ, ହାଇ ହିଲ
ଲିପଷ୍ଟିକ, ହାତକଟା, ପେଟଫଟା ଡ୍ରେସ
ସାତ କିଳିଣୀ ପଡିଲାଣି
ଚୁଡି, ଶାଢ଼ି, ପଣତ ଓଢଣୀ, ସିନ୍ଦୁର ଫରୁଆ
ଆଉ ନାହିଁ .... ଗୋବର ଗାଣ୍ଡୁଆ ।୪।
ଆଉ ନାହିଁ ସ୍ନେହ, ଶ୍ରଦ୍ଧା, ଦୟା
ହାଏ ଡାଡି, ହାଏ ମମି, ହାଏ ଡାଲିଂ
ବାଏ ବାଏ ଏ ଯୁଗର ଶିକ୍ଷା
ରାତା ରାତି ଲମ୍ବା ଦାଢି
ଏ ମାନବ ବଡୁଆ
ଆଉ ନାହିଁ .... ଗାଣ୍ଡୁଆ ।୫।

# ଶ୍ରୀକ୍ଷେତ୍ର ପରିକ୍ରମା-୫

## ସିଦ୍ଧ ମହାବୀର ପୀଠ



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/
୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ରରେ ଅଛନ୍ତି ଅଷ୍ଟ ମହାବୀର ଏବଂ ଏ ସମସ୍ତ ପୀଠର ନିଜସ୍ୱ ଇତିହାସ, କାହାଣୀ ଓ ପରିଚୟ ଅଛି । ଓଡ଼ିଶା, ବିଶେଷକରି ପୁରୀ ନିକଟବର୍ତ୍ତୀ ଅଞ୍ଚଳରେ ଅଂଜନୀ ପୁତ୍ର ବୀର ହନୁମାନଙ୍କୁ 'ମହାବୀର' କୁହାଯାଏ କାରଣ ଏଠାରେ ଯେଉଁ ହନୁମାନଙ୍କ ଉପାସନା ହୁଏ ସେ ହେଲେ ରୁଦ୍ରଙ୍କ ଅଂଶ, ବୀର ଯୋଦ୍ଧା, ଶ୍ରୀକ୍ଷେତ୍ରର ସେ ହେଲେ ଜାଗ୍ରତ ପ୍ରହରୀ । ଶ୍ରୀରାମଙ୍କ ଆଦେଶରେ ହନୁମାନ ପ୍ରଳୟ ପର୍ଯ୍ୟନ୍ତ ଚିରଞ୍ଜୀବୀ ହୋଇ ରହିବେ, ଏବଂ ଯେଉଁଠି ଯେଉଁଠି ରାମ ନାମ ରହିବ ସେହିଠାରେ ସେ ରହିବେ, ତେଣୁ ଏହି କଳି ଯୁଗରେ ସେଇ ଶ୍ରୀରାମଙ୍କ ସ୍ୱରୂପରେ ମହାପ୍ରଭୁ ନିଜେ ବିରାଜମାନ କରିଥିବାରୁ ତାଙ୍କ କ୍ଷେତ୍ରର ରକ୍ଷା ଲାଗି ମହାବୀର ତଟସ୍ଥ.ଏହି ଅଷ୍ଟ ମହାବୀରଙ୍କ ମଧ୍ୟରୁ ଜଣେ ହେଲେ ମହାପ୍ରଭୁ ସିଦ୍ଧ ମହାବୀର.

ପୁରୀର ଗୁଣ୍ଡିଚା ମନ୍ଦିରର ଉତ୍ତର-ପୂର୍ବ ଦିଗରେ ପ୍ରାୟ ଏକ କିଲୋମିଟର ଦୂରରେ ସିଦ୍ଧ ମହାବୀରଙ୍କ ମନ୍ଦିର ଅବସ୍ଥିତ । ଏହା ଭଗବାନ ହନୁମାନଙ୍କୁ ସମର୍ପିତ ଏକ ଛୋଟ ମନ୍ଦିର । ସ୍ଥାପତ୍ୟ ଦୃଷ୍ଟିରୁ ମନ୍ଦିରଟି ଏତେ ଗୁରୁତ୍ୱପୂର୍ଣ୍ଣ ନୁହେଁ କିନ୍ତୁ ଧାର୍ମିକ ଦୃଷ୍ଟିରୁ ଏହା ପୁରୀର ଗୁରୁତ୍ୱପୂର୍ଣ୍ଣ ମନ୍ଦିର ମଧ୍ୟରୁ ଗୋଟିଏ । ରାମ ଚରିତ ମାନସର ପ୍ରସିଦ୍ଧ ଲେଖକ ସନ୍ଥ ତୁଳସୀ ଦାସ ପୁରୀ ଗସ୍ତ କରିବା ସମୟରେ କିଛି ସମୟ ପାଇଁ ଏଠାରେ ରହିଥିଲେ । ଇତିହାସରୁ ଜଣାଯାଏ ଯେ ଶ୍ରୀମନ୍ଦିରକୁ ବାରମ୍ବାର ମୁସଲମାନଙ୍କ ଆକ୍ରମଣରୁ ସୁରକ୍ଷା ଦେବା ପାଇଁ ପଞ୍ଚ ରାମାନନ୍ଦି ଆଖଡ଼ା ପ୍ରତିଷ୍ଠା କରାଯାଇଥିଲା । ସେଥି ମଧ୍ୟରୁ ସିଦ୍ଧ ମହାବୀର ମନ୍ଦିର ଏକ ଆଖଡ଼ା ଅଟେ । କିମ୍ବଦନ୍ତୀ ଅନୁସାରେ ସନ୍ଥ ତୁଳସୀ ଦାସ ଶ୍ରୀକ୍ଷେତ୍ରକୁ ଆସି ସେହି ସ୍ଥାନରେ ରହି ମହାପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀରାମଙ୍କ ରୂପରେ ଦର୍ଶନ କରିବା ପାଇଁ ତପସ୍ୟା କରିଥିଲେ । ପ୍ରଭୁ ଜଗନ୍ନାଥ ଦର୍ଶନ ଦେବା ସହିତ ରାମଚରିତ ମାନସ ରଚନା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସେବେଠାରୁ ପ୍ରାୟ ୨୦୦ ବର୍ଷ ହେଲା ସିଦ୍ଧ ମହାବୀର ଏଠାରେ ପୂଜା ପାଇ ଆସୁଛନ୍ତି ।



ଏହି ମନ୍ଦିରରେ ମହାବୀର (ହନୁମାନ)ଙ୍କ ପ୍ରତିମୂର୍ତ୍ତି ପ୍ରାୟ ୬ ଫୁଟ ଉଚ୍ଚ । ସେ ବାମ ହାତରେ ଗଦା (ଗଦା) ଏବଂ ଡାହାଣ ହାତରେ ବିଶାଳ ଗନ୍ଧ-ମର୍ଦନ ପର୍ବତ ଧରିଛନ୍ତି । ଦେବତାଙ୍କୁ ୨ ଫୁଟ ଉଚ୍ଚ ଏକ ସଜ୍ଜିତ ପୀଠରେ ସ୍ଥାପନ କରାଯାଇଛି । ଦେବତାଙ୍କ ପ୍ରଚ୍ଛଦରେ ବିଭିନ୍ନ ଆସନରେ ହନୁମାନ ମୂର୍ତ୍ତିଗୁଡ଼ିକର ଏକ ଶୃଙ୍ଖଳା ଖୋଦିତ ହୋଇଛି । ଏମାନଙ୍କୁ ସ୍ଥାନୀୟ ଭାବରେ ସୁଗ୍ରୀବ, ଜାମ୍ବବାନ, ବାଲି, ଅଙ୍ଗଦ, ସୁସେନା ଇତ୍ୟାଦି ଅଷ୍ଟମଲ୍ଲ ଭାବରେ ବିବେଚନା କରାଯାଏ । ଦେବୀ ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାବଣଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଲଙ୍କା ଅଭିଯାନ ସମୟରେ ଏହି ବାନର ମାନେ ପ୍ରଭୁ ରାମଙ୍କ ଆଠ ପରାମର୍ଶଦାତା ବୋଲି ମଧ ବିଶ୍ୱାସ କରାଯାଏ । ଉତ୍ସବକାଳୀନ ଅବସରରେ ହନୁମାନ (ମହାବୀର)ଙ୍କ ଏକ ପିତଳ ପ୍ରତିମୂର୍ତ୍ତି ମଧ ବିଜେ ପ୍ରତିମା (ପ୍ରତିନିଧି ଦେବତା) ସହିତ ସମାନ ପୀଠରେ ରଖାଯାଇଛି । ପରିଦର୍ଶକମାନଙ୍କ ପାଇଁ ମହାବୀରଙ୍କ ଏହି ମୂର୍ତ୍ତିଟି ବହୁତ ଆକର୍ଷଣୀୟ ଏବଂ ଏହା ସୂକ୍ଷ୍ମ କାରିଗରୀର ସର୍ବୋତ୍ତମ ନମୁନା । ପ୍ରସ୍ତର ପୃଷ୍ଠଭୂମିରେ, ଫୁଲ ପଦକ ଏବଂ ରାମାୟଣର ବିଭିନ୍ନ ଦୃଶ୍ୟର ନିଖୁଣ କାରିଗରୀ ହୋଇଛି.

ସିଦ୍ଧ ମହାବୀରଙ୍କ ମନ୍ଦିର ଦୁଇ ରଥ ବିଶିଷ୍ଟ ସ୍ଥାପତ୍ୟ ରେ ନିର୍ମିତ- ବିମାନ ଏବଂ ଜଗମୋହନ । ଜଗମୋହନ ସମ୍ମୁଖରେ ସମ୍ପ୍ରତି ଏକ ଖୋଲା ସମତଳ ମଣ୍ଡପ ନିର୍ମିତ ହୋଇଛି । ଏହି ମନ୍ଦିର ବାଲି ପଥରରେ ନିର୍ମିତ ଏବଂ ପୂର୍ବ ଦିଗକୁ ମୁହଁ କରି ନିର୍ମିତ । ସିଦ୍ଧ ମହାବୀର ମନ୍ଦିରର ମୁଖ୍ୟ ମନ୍ଦିର (ବିମାନ) ରାସ୍ତା ସ୍ତରଠାରୁ ପ୍ରାୟ ୩୫ ଫୁଟ ଉଚ୍ଚରେ ଅବସ୍ଥିତ । ସିଦ୍ଧ ମହାବୀରଙ୍କ ବିମାନ ଆଂଶିକ ଭାବରେ ବିଭିନ୍ନ ମୂର୍ତ୍ତି ଏବଂ ଦୃଶ୍ୟରେ ସଜ୍ଜିତ । ମୁଖ୍ୟ ମନ୍ଦିରର ତିନି ପାର୍ଶ୍ୱରେ ଯମରାଜ, କେଶରୀ ଏବଂ ଦେବୀ ଅଞ୍ଜନାଙ୍କ ପ୍ରତିମା ରହିଛି । ମନ୍ଦିରର ଦକ୍ଷିଣ ପାର୍ଶ୍ୱ କାନ୍ଥରେ ଯମରାଜଙ୍କ ପ୍ରତିମା ଅଛି । ଭଗବାନ ଯମଙ୍କ ଦୁଇ ହାତ ବିଶିଷ୍ଟ ପ୍ରତିମା ସ୍ଥାପିତ ହୋଇଛି । ସେ ପାରମ୍ପରିକଭାବେ, ମଇଁଷିର ପଛ ପାର୍ଶ୍ୱରେ ବସିଥିବା ମୁଦ୍ରାରେ ଖୋଦିତ ହୋଇଛନ୍ତି । ପ୍ରଭୁ ଯମ ଯଥାକ୍ରମେ ଡାହାଣ ହାତରେ ଗଦା (ଗଦା) ଏବଂ ବାମ ହାତରେ କାଳ ଫାଶ ପ୍ରଦର୍ଶନ କରୁଛନ୍ତି । ମନ୍ଦିରର ପଶ୍ଚିମ ପାର୍ଶ୍ୱ କାନ୍ଥରେ ଏକ ପୁରୁଷ ବାନର ପ୍ରତିମା ଅଛି ଯାହାକୁ ସ୍ଥାନୀୟ ଭାବରେ ହନୁମାନଙ୍କ ପିତା କିଷ୍କିନ୍ଧା ନରେଶ କେଶରୀ ଭାବରେ ପୂଜା କରାଯାଏ । କେଶରୀଙ୍କ ଦୁଇ ହାତ ବିଶିଷ୍ଟ ପ୍ରତିମା ସଜ୍ଜିତ ପୀଠରେ ସ୍ଥାପିତ ହୋଇଛି । ସେ ବାମ ହାତରେ ଗଦା (ଗଦା) ଏବଂ ଡାହାଣ ହାତରେ ଅକ୍ଷ ମାଳ ଧରିଛନ୍ତି । ସେ ତାଙ୍କ ଶରୀରରେ ମୁକ୍ତାର ମାଳ ମଧ ପିନ୍ଧିଛନ୍ତି । ମନ୍ଦିରର ପଶ୍ଚିମ ପାର୍ଶ୍ୱ କାନ୍ଥରେ ଦେବୀ ଅଞ୍ଜନା (ଭଗବାନ ମହାବୀରଙ୍କ ମାତା) ଅଛନ୍ତି । ଦେବୀ ଅଞ୍ଜନାଙ୍କ ଦୁଇ ହାତ ବିଶିଷ୍ଟ ପ୍ରତିମା ଦୁଇଟି ପାଖୁଡା ବିଶିଷ୍ଟ ପଦ୍ମ ପୀଠଉପରେ ସ୍ଥାପିତ ହୋଇଛି । ସେ ତାଙ୍କ ସନ୍ତାନ (ଭଗବାନ ହନୁମାନଙ୍କ ବାଳ ସ୍ୱରୂପକୁ )ଙ୍କୁ ତାଙ୍କ ଦୁଇ ହାତରେ ଧରିଛନ୍ତି । ମୁଖ୍ୟ ମନ୍ଦିରର ସମସ୍ତ ପାର୍ଶ୍ୱ କାନ୍ଥ ପ୍ରତିମା କଳା କ୍ଲୋରାଇଟ୍ ପଥରରେ ତିଆରି ।

ସିଦ୍ଧ ମହାବୀର ମନ୍ଦିରର ଜଗମୋହନ ରାସ୍ତା ସ୍ତରଠାରୁ ପ୍ରାୟ ୩୦ ଫୁଟ ଦୂରରେ ଅବସ୍ଥିତ । ସିଦ୍ଧ ମହାବୀରଙ୍କ ପ୍ରବେଶ ମନ୍ଦିର (ମୁଖଶାଳା) ମଧ ବିଭିନ୍ନ ମୂର୍ତ୍ତି ଏବଂ ଦୃଶ୍ୟରେ ସଜ୍ଜିତ । ମନ୍ଦିରର ମୁଖଶାଳାର ଉତ୍ତର ପାର୍ଶ୍ୱ କାନ୍ଥର ଏକ ଖୋଳରେ ଦୁଇଟି ହାତୀ ସହିତ ରାଜକୀୟ ଶୋଭାଯାତ୍ରାର ଏକ ଦୃଶ୍ୟ ଅଛି । ହାତୀଗୁଡ଼ିକୁ ଗୋଟିଏ ଅନ୍ୟଟି ସମ୍ମୁଖରେ ରଖାଯାଇଛି ଯାହା ଦ୍ୱାରା କେବଳ ଗୋଟିଏ ଦୃଶ୍ୟମାନ ହୁଏ । ପରିଚାରକମାନଙ୍କ ଦ୍ୱାରା ଧରିଥିବା ଦୁଇଟି ଛତ୍ର ଦ୍ୱାରା ପରାମର୍ଶିତ ନିକଟ ହାତୀର ଆଗ ଚିତ୍ରଟି ରାଜବଂଶର, ପ୍ରତ୍ୟେକ ହାତୀ ଉପରେ ଗୋଟିଏ ରହିଛି । ହାତୀ ସମ୍ମୁଖରେ ହାତ ଯୋଡି ତିନୋଟି ପ୍ରତିମୂର୍ତ୍ତି ଠିଆ ହୋଇଛି ରାଜକୀୟ ବ୍ୟକ୍ତିଙ୍କ ମୁଣ୍ଡ ସମ୍ପୂର୍ଣ୍ଣ ଭାବରେ ଅନୁପସ୍ଥିତ ଅଛି । ମନ୍ଦିରର କିଛି ବରିଷ୍ଠ ପୁରୋହିତ କହିଛନ୍ତି ଯେ ଏହା ଇନ୍ଦ୍ର ଦେବଙ୍କ ଭ୍ରମଣ ଦୃଶ୍ୟ । ମାତ୍ର ଗବେଷକଙ୍କ ମତରେ ସମ୍ଭବତଃ, ଏହି ଦୃଶ୍ୟ ପୁରୀ ରାଜାଙ୍କ ଏକ ରାଜକୀୟ ଭ୍ରମଣର । ରାଜକୀୟ ଶୋଭାଯାତ୍ରା. ସ୍ଲାବର ପୀଠରେ ଏକ ହାତୀ ଏବଂ ସେମାନଙ୍କ ବର ସହିତ ଏକ ଘୋଡା ଖୋଦିତ ହୋଇଛି । ମୂର୍ତ୍ତି ପ୍ୟାନେଲର ଠିକ୍ ତଳେ ଶିଳାଲେଖର ଏକ ଛୋଟ ବାକ୍ୟ ଖୋଦିତ ହୋଇଛି ।

ଜଗମୋହନର ବାମ ପାର୍ଶ୍ୱ ପୂର୍ବ ପ୍ରବେଶ କାନ୍ଥରେ ପଞ୍ଚମୁଖୀ (ପାଞ୍ଚମୁଖୀ) ଗଣେଶଙ୍କ ଏକ ପ୍ରତିଛବି ରହିଛି । ଦେବତାଙ୍କ ଫଳକଟି ଶିଳ୍ପୀ ଦ୍ୱାରା ଅତି ସୁନ୍ଦର ଭାବରେ ଖୋଦିତ ହୋଇଛି । ଗଣେଶଙ୍କ ଦଶ ହାତ ବିଶିଷ୍ଟ ପ୍ରତିଛବି ସାଜସଜ୍ଜା ପୀଠରେ ସ୍ଥାପିତ ହୋଇଛି । ତାଙ୍କର ଡାହାଣ ପାଞ୍ଚ ହାତରେ ଚକ୍ର (ଡିସ୍କ), ସର୍ପ, ତ୍ରିଶୂଳ, ଭଙ୍ଗା ଦାନ୍ତ ଏବଂ ବରଦ ମୁଦ୍ରା ପ୍ରଦର୍ଶିତ ହୋଇଛି ଯେତେବେଳେ ବାମ ପାଞ୍ଚ ହାତରେ ଗଦା, ପାଶ, ଅଙ୍କୁଶ, ଫୁଲ ଏବଂ ଏକ ଘଣ୍ଟି ରହିଛି । ପଞ୍ଚମୁଖୀ ଗଣେଶଙ୍କ ଫଳକ କଳା କ୍ଲୋରାଇଟ୍ ରେ ଖୋଦିତ ହୋଇଛି । ମୁଖଶାଳାର ଡାହାଣ ପାର୍ଶ୍ୱ ପୂର୍ବ ପ୍ରବେଶ କାନ୍ଥ ଶିକ୍ଷାଦାନ ଦୃଶ୍ୟ ସହିତ ଆରାମଦାୟକ । ଏହା ଗୁରୁ ଶିଷ୍ୟମାନଙ୍କ ମଧ୍ୟରେ ଭାଗବତ ପୁରାଣ ପାଠ କରିବାର ଦୃଶ୍ୟ । ଗୁରୁ ଏକ ମଣ୍ଡପରେ ବସିଛନ୍ତି ଏବଂ ତାଙ୍କର ଡାହାଣ ଗୋଡ଼ ତାଙ୍କ ବାମ ଏବଂ ଡାହାଣ ହାତ ଉପରେ କ୍ରସ୍ କରି ଯେପରି ନିର୍ଦ୍ଦେଶ ଦେଉଛନ୍ତି । ତାଙ୍କ ସାମ୍ନାରେ ଦୁଇଟି ଲେଖାଏଁ ତିନୋଟି ଧାଡ଼ି ଅଛି । ପୁରୁଷ ଏବଂ ମହିଳା ଭକ୍ତ ଉଭୟ ଗୁରୁଙ୍କ ଉଭୟ ପାର୍ଶ୍ୱରେ ଖୋଦନ କରିଛନ୍ତି । ସମସ୍ତ ଶିଷ୍ୟ ମାନେ ଯୋଡ ହସ୍ତରେ ଅଛନ୍ତି.

ଏହି ଠାରେ ପରମ ରାମ ଭକ୍ତ ତୁଳସୀ ଦାସ ରାମଚରିତ ମାନସ ଲେଖିବା ସିଦ୍ଧି ପ୍ରାପ୍ତି କରିଥିବାର କିମ୍ବଦନ୍ତୀ ହେଉ କି ସାଧାରଣ ପୁରୀ ବାସିଙ୍କ ବିଶ୍ୱ, ମହାବୀରଙ୍କ ଏହି ପୀଠ ଅତ୍ୟନ୍ତ ପବିତ୍ର ଓ ସିଦ୍ଧ । ବିଶ୍ୱାସ ଅଛି ସିଦ୍ଧ ମହାବୀର ହେଉଛନ୍ତି ନାଗାଙ୍କ ଆରାଧ୍ୟ ଏବଂ ତାଙ୍କର ଉପାସନା ଦ୍ୱାରା ନାଗା ପାଇକ ମାନେ ସିଦ୍ଧି ପ୍ରାପ୍ତ କରି ଶ୍ରୀକ୍ଷେତ୍ରର ରକ୍ଷା କରୁଥିଲେ । ପ୍ରତ୍ୟକ ମଙ୍ଗଳବାର ଏବଂ ସଂକ୍ରାନ୍ତିରେ ଏଠାରେ ବିଶେଷ ପୂଜାର୍ଚ୍ଚନା ହେଉଥିବା ବେଳେ ଓଡ଼ିଆ ନବ ବର୍ଷ ପଣା ସଂକ୍ରାନ୍ତିରେ ଏଠାରେ ଅନେକ ମେଳା ଉତ୍ସବ ହୁଏ । ମହାବୀରଙ୍କ ଏହି ପୀଠର କ୍ଷୀରି ଭୋଗ ବହୁତ ପ୍ରସିଦ୍ଧ । ଆଧ୍ୟାତ୍ମିକ ଆସ୍ଥା ଓ ବିଶ୍ୱାସର ଏହି ପବିତ୍ର ପୀଠ ଆଜି ପୁରୀର ଏକ ପ୍ରସିଦ୍ଧ ପୀଠ, ମହାପ୍ରଭୁ ଶ୍ରୀ ଶ୍ରୀ ଶ୍ରୀ ସିଦ୍ଧ ମହାବୀର ସକଳଜଣଙ୍କୁ ଉତ୍ତମ ସିଦ୍ଧି ପ୍ରଦାନ କରନ୍ତୁ ।

# ନବେ ବର୍ଷ ପରେ ଆମ ମାତୃଭାଷାର ସ୍ଥିତି ଓ ଗତି



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

କୁହାଯାଏ ଭାଷାହିଁ ଜାତିର ପରିଚୟ। ଭାଷା ମରିଗଲେ ଜାତି ମରିଯିବ । ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶପ୍ରେମ ଜାଗ୍ରତ ହେବ । ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସେହ୍ନ, ଭାଇଚାରା ଓ ସ୍ୱଦେଶ ପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ । ଏହା ଯେଭଳି ଭାରତ ପାଇଁ ପ୍ରଯୁଜ୍ୟ ପୃଥିବୀର ଅନ୍ୟ ଦେଶମାନଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଭାବେ ପ୍ରଯୁଜ୍ୟ । ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକ ବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା: ଚୀନ, ଇଂରାଜୀ, ହିନ୍ଦୀ, ସ୍ପେନିଶ୍, ରୁଷ, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ ।

ବର୍ତ୍ତମାନ ଆମ ମାତୃଭାଷା ଓଡିଆର ସ୍ଥିତି କେଉଁଠି ତାହା ନକହିବା ଭଲ । ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବଂଧୁ ଦାସ, ପାରଳା ରାଜା କୃଷ୍ଣଚନ୍ଦ୍ର ଦେବ ପ୍ରମୁଖ ମହାନ୍ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଂଚଳକୁ ନେଇ ଏଇ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୯୦ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ତ ଦୂରର କଥା, ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । କେବଳ ସେତିକି ନୁହେଁ, ଆମ ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ,ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତ ବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଲଳିତ ପଦାବଳୀର କବି ଜୟଦେବ, କଥା ସମ୍ରାଟ ଫକୀର ମୋହନ, ଭାଗବତ ପ୍ରଣେତା ଜଗନ୍ନାଥ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ ।

ଏସବୁ ସତ୍ତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ । ଏହାର ମୂଳ କାରଣ ହେଉଛି ଏ ପର୍ଯ୍ୟନ୍ତ ଓଡିଆ ଭାଷା ସଂପୂର୍ଣ୍ଣ ଭାବେ ସରକାରୀ ଭାଷାର ପୂର୍ଣ୍ଣ ମାନ୍ୟତା ପାଇନାହିଁ । ୧୯୫୪ ମସିହାରେ ତତ୍କାଳୀନ ରାଜ୍ୟ ସରକାର ଓଡିଆ ଭାଷାକୁ ସରକାରୀ ଭାଷାକରିବା ପାଇଁ ଅଧିନିୟମ ପ୍ରଣୟନ କରିଥିଲେ । ଏଥିପାଇଁ ଶବ୍ଦକୋଷ ସଂକଳନ କରାଯାଇଥିଲା । ମାତ୍ର ତାହା ଅଧାପନ୍ତରିଆ ହୋଇରହିଗଲା । ପୁନଶ୍ଚ ୧୯୮୫ ମସିହାରେ ଓଡିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବାପାଇଁ ତତ୍କାଳୀନ ସରକାର ନିଷ୍ପତି ଗ୍ରହଣ କରିଥିଲେ । ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ମଧ୍ୟ ନିଆଯାଇଥିଲା । ଏପରିକି ଓଡିଆ ଟାଇପ୍ ମେସିନ୍ କିଣାଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିଲା । କିନ୍ତୁ ଆନ୍ତରିକତା ଓ ଇଚ୍ଛାଶକ୍ତି ଅଭାବରୁ ତାହା ମଧ୍ୟ ଆଗେଇ ପାରିଲା ନାହିଁ ଖୁସିର କଥା ସରକାର "ଓରିଆ କୁ ଓଡିଆ" ଓ "ଓରିଶା କୁ ଓଡିଶା" କରିବାର ଠିକଣା ପଦକ୍ଷେପ ନେଇଛନ୍ତି । ଇତି ମଧ୍ୟରେ ଓଡିଆ ଭାଷା ୬ଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ପାଇଛି। ଯେଉଁ ଭାଷାକୁ ଦିନେ ଅନ୍ୟମାନେ ଆଡନଜରରେ ଦେଖୁଥିଲେ ଓ ଓଡିଆ ଭାଷା ଏକ ଭାଷା ନୁହେଁ ବୋଲି କହୁଥିଲେ ସେ ଭାଷା ଆଜି ଜାତୀୟ ସ୍ୱୀକୃତି ଲାଭ କରିଛି । ଇତି ମଧ୍ୟରେ ରାଜ୍ୟ ସରକାର ୧୯୫୪ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେବାସହିତ ଗତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡ଼ିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ସେହିବର୍ଷ ଡିସେମ୍ବର ୨୬ ତାରିଖରେ ପୁରୀ ଠାରେ ମୁଖ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଗୁରୁତ୍ୱ ପୁର୍ଣ୍ଣ ନିଷ୍ପତ୍ତି ନେଇଥିଲେ । ଓଡ଼ିଆ ଭାଷାର ବ୍ୟାପକ ପ୍ରସାର ଓ ପ୍ରଚାର ପାଇଁ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଗତ ରାଜ୍ୟ ସରକାର ପର୍ଯ୍ୟଟନ ବିଭାଗରୁ ସଂସ୍କୃତି ବିଭାଗକୁ ଅଲଗା କରିଥିଲେ । ଏସବୁ ସତ୍ତ୍ୱେ ଏଦିଗରେ ଆଶାନୁରୂପ ସଫଳତା ହାସଲ ହୋଇପାରିନାହିଁ । ଇତିମଧ୍ୟରେ ଏବର ସରକାର ଓଡ଼ିଶା ସରକାର ଓଡ଼ିଆ ଅସ୍ମିତା ଓ ଓଡିଆ ଭାଷାର ପ୍ରସାର ପ୍ରଚାର ପାଇଁ ଗତ ଏପ୍ରିଲ ୧ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡିଆପକ୍ଷ ପାଳନ କରୁଛନ୍ତି । ଆମ ସଂସ୍କୃତି ଓ ଐତିହ୍ୟକୁ ଉତ୍ତରପିଢି ପାଖରେ ପହଞ୍ଚାଇବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ସମୟ କହିବ ଓଡିଆ ଭାଷାର ପ୍ରସାର ପ୍ରଚାର ପାଇଁ ଏହା କେତେ ଦୂର ସହାୟକ ହେବ ?

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡ଼ିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟ କ୍ଷେତ୍ର ପଶ୍ଚିମ ଓଡ଼ିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡ଼ିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀ ମାନଙ୍କର ନିଜସ୍ୱ ଭାଷା ଯଥା: ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟା, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରସ୍ଥିତିରେ ଭାଷାର ପ୍ରସାର-ପ୍ରଚାର ତ ଦୁରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ମା'ର ଭାଷା, ମାଟିର ଭାଷା ଆମ ପାଇଁ ଅଲୋଡା ହୋଇଯାଇଅଛି । ମହାତ୍ମା ଗାନ୍ଧି କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ୟା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏ କଥା ମୁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ" ।

ପ୍ରତି ବର୍ଷ ଆନ୍ତର୍ଜାତିକ ମାତୃଭାଷା ଦିବସର ବିଷୟବସ୍ତୁର ପରିବର୍ତ୍ତନ ହେଉଛି। ବହୁଭାଷୀ ଶିକ୍ଷାରେ ଦକ୍ଷତା ହାସଲ କରିବା ପାଇଁ ଆହ୍ୱାନ ଦିଆଯାଉଛି। କିନ୍ତୁ ଆମକୁ ପ୍ରଥମେ ଆମ ମାତୃଭାଷା ଶିଖିବାକୁ ହେବ, ଠିକ ଭାବରେ ଲେଖିବାକୁ ହେବ ଏବଂ ମାତୃଭାଷାରେ ଲିଖିତ ପୁସ୍ତକ ଅଧ୍ୟୟନ କରି ଆମ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଚିହ୍ନିବାକୁ ହେବ । ତାହାଲେ ଯାଇ ଆମେ ସଗର୍ବେ କହି ପାରିବା "ଓଡ଼ିଆ" ବୋଲି । ଏଥିପାଇଁ ଆମ ଭିତରେ ଥିବା ହୀନମନ୍ୟତାକୁ ଦୂର କରିବାକୁ ହେବ । ମାତୃଭୂମି ଓ ମାତୃଭାଷାକୁ ଉପେକ୍ଷା କରି କେହି କେବେ ବଡ ହୋଇନାହିଁ । ଯେଉଁ ଦେଶର ମାତୃଭାଷା ଯେତେ ଉନ୍ନତ ସେଦେଶ ସେତେ ଉନ୍ନତ । ଏକ ସଭ୍ୟ ସମାଜ ଗଠନରେ ମାତୃଭାଷାର ବଡ ଯୋଗଦାନ ରହିଛି। ନୂତନ ଶିକ୍ଷା ନୀତି -୨୦୨୦ରେ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମାତୃଭାଷାରେ ପାଠପଢାକୁ ବାଧ୍ୟତାମୂଳକ କରାଯାଇଛି । ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ତେବେ ଏହା ଆମ ମାତୃଭାଷା ପ୍ରତି ଆଦର ଭାବ ସୃଷ୍ଟି କରିବାରେ କେତେ ସଫଳ ହେବ ତାହା ସମୟ କହିବ !

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





## ଧର୍ମଶାଳାରେ ଝାଡ଼ାବାନ୍ତି:ସ୍ୱାସ୍ଥ୍ୟ ଅଧିକାରୀଙ୍କ ସ୍ଥିତି ଅନୁଧ୍ୟାନ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ବାଉଁଶଡୋଳା ଗ୍ରାମରେ ଝାଡ଼ାବାନ୍ତିରେ ଜଣେ ଯୁବକ ବାଦଲ ମଲିକ (୩୫)ର ମୃତ୍ୟୁ ହୋଇଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ରୋଗୀ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟକୁମାର ମିଶ୍ର ବାଉଁଶଡୋଳା ଗ୍ରାମ ପରିଦର୍ଶନକରି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଝାଡାବାନ୍ତି ଆରମ୍ଭ ହେବାପରେ ଧର୍ମଶାଳା ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି। ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଗତବର୍ଷ ମେ ମାସରେ ଝାଡାବାନ୍ତି ଘଟଣା ରାଜ୍ୟସାରା ଚହଳ ସୃଷ୍ଟି କରିଥିଲା। ରାଜ୍ୟ ସ୍ୱାସ୍ଥ୍ୟ ସଚିବ, ନିର୍ଦ୍ଦେଶକଙ୍କ ଠୁ ଆରମ୍ଭକରି କେନ୍ଦ୍ରୀୟ ଟିମ୍, ପୂର୍ବତନ ବିଧାୟକ, ରାଜ୍ୟ କଂଗ୍ରେସ ନେତୃବୃନ୍ଦ ପୀଡିତ ପାଖର ଗ୍ରାମକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ମୁଖ୍ୟତଃ ପିଇବା ପାଣି ପାଇଁ ଝାଡାବାନ୍ତି (କଲେରା) ହୋଇଥିବା ଜଣାପଡିଥିଲା। ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପିଇବା ପାଣି ସମସ୍ୟା ଲାଗିରହିଛି। ୨୦ ବର୍ଷ ଭିତରେ ୨୦୦ ମିଟର ନୂତନ ପାଇପ୍ ସଂଯୋଗ ହୋଇନଥିବା ବେଳେ ବସୁଧା ଯୋଜନା ସମ୍ପୂର୍ଣ୍ଣ ଭାବେ ଫେଲ୍ ହୋଇଛି। ସ୍ୱାସ୍ଥ୍ୟବିଭାଗ ଓ ଜଳଯୋଗଣ ବିଭାଗର କିଛି ନିର୍ଦ୍ଦିଷ୍ଟ କର୍ମଚାରୀ ଓ ଅଧିକାରୀ ଏଠାରୁ ବଦଳି ନହୋଇ ଗାଦି ମାଡି ରହିଛନ୍ତି। ଜଳ ଯୋଗାଣ ବ୍ୟବସ୍ଥା ବ୍ଲକ ଅଧିନକୁ ଯିବାପରେ ଏ ସଂସ୍ଥା ଏବେ ଚରମ ଅବ୍ୟବସ୍ଥାରେ ପହଞ୍ଚିଛି।

## ଅପ୍ରେଲ ୧୩ରୁ ସକାଳୁଆ ହେବ ଜନଶୁଣାଣି

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏପ୍ରିଲ୍ ୧୦ ତାରିଖରୁ ଜିଲ୍ଲାରେ ସକାଳୁଆ ଅଫିସ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଏପ୍ରିଲ ୧୩ ତାରିଖ ଠାରୁ ୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଓ ଜିଲ୍ଲା କାର୍ଯ୍ୟାଳୟ ଠାରେ ସକାଳ ୭ ଘଟିକାରୁ ସକାଳ ୧୦ ଘଟିକା ଅନୁଷ୍ଠିତ ହେବ। ଆସନ୍ତା ଏପ୍ରିଲ୍ ୧୩ ତାରିଖ ଦିନ ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲାର ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ଅନୁରୋଧ କରାଯାଉଛି ।



## ଲୋକକଳା ପାଇଁ ଦିନଟିଏ:କଳାକାରମାନଙ୍କୁ ସମ୍ମାନ ପ୍ରଦାନ

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକକଳା କଳାକାରମାନେ ନିଜ ନିଜ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ ଓ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଉପସ୍ଥିତ ରହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଲୋକକଳା ହେଉଛି ଆମ ସଂସ୍କୃତି ଓ ପରମ୍ପରାର ଅବିଚ୍ଛେଦ୍ୟ ଅଙ୍ଗ, ଯାହା ଆମ ଐତିହ୍ୟକୁ ଜୀବନ୍ତ ରଖିଥାଏ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲ୍ଲାର ବିଭିନ୍ନ ଲୁପ୍ତପ୍ରାୟ ପାରମ୍ପରିକ ଲୋକକଳାର ପୁନରୁଦ୍ଧାର ସହିତ ନୂତନ ପିଢିଙ୍କ ମଧ୍ୟରେ ଏହାର ପ୍ରଚାର କରାଯାଇପାରୁଛି । ଏଭଳି ପଦକ୍ଷେପ କଳାକାରମାନଙ୍କୁ ମଧ୍ୟ ବେଶ୍ ଉତ୍ସାହିତ କରିଛି । ଜିଲ୍ଲାର ବିଭିନ୍ନ ବ୍ଲକରେ ମଧ୍ୟ ଲୋକକଳା ପାଇଁ ଦିନଟିଏ ପାଳନ କରାଯାଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ।

## ଜିଆର୍ଏସ୍ ନିଯୁକ୍ତି ଫାଇଲ୍ ଗାଏବ ଘଟଣା:ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ହାତ ଯାଉନି

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସରକାରୀ ଅଫିସ୍‌ରୁ ସରକାରୀ ଫାଇଲ୍ ହଜିଗଲା । ହେଲେ କେମିତି, କାହା ଦାୟିତ୍ୱ ଥିଲା, କିଏ ଉତରଦାୟୀ କିଛି ବୁଝାପଡୁନି । କାର୍ଯ୍ୟାନୁଷ୍ଠାନ ପାଇଁ ବି କାହାର ହାତ ଯାଉନି । ୮ ବର୍ଷ ହେଲା ଗୋଟିଏ ଫାଇଲ୍ କେମିତି ଖୋଜା ଯାଉଛି ଯେ ମିଳିପାରୁନି । ଜିଆର୍ଏସ୍ ନିଯୁକ୍ତି କେଲେଙ୍କାରୀ ଲୁଚେଇବାକୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଚାଲିଥିବା ବଡ଼ ଷଡ଼ଯନ୍ତ୍ରରେ କିଏ ସବୁ ସାମିଲ୍ ଅଛନ୍ତି, ତାକୁ ନେଇ ଆରମ୍ଭ ହୋଇଛି ଆଲୋଚନା । ଜିଲ୍ଲା ପରିଷଦ କାର୍ଯ୍ୟାଳୟରେ ଫାଇଲ୍ ରଖିବା କାମ ଏଷ୍ଟାବ୍ଲିସ୍‌ମେଣ୍ଟ ସେକ୍ସନର । ଏହି ସେକ୍ସନ ଦାୟିତ୍ୱ ଜଣେ ବରିଷ୍ଠ ଅଧିକାରୀଙ୍କ ହାତରେ । କୋର୍ଟ ମାମଲା ଠାରୁ ନେଇ ଆର୍‌ଟିଆଇ ତଥ୍ୟ ଦେଲାବେଳେ ଏଷ୍ଟାବ୍ଲିସ୍‌ମେଣ୍ଟ ଫାଇଲ୍ ଖୋଜି ଅଧିକାରୀଙ୍କୁ ଧରାଏ । ହେଲେ ୨୦୧୭ ଜିଆର୍ଏସ୍ ନିଯୁକ୍ତି ଫାଇଲ୍ ହଜିଯିବା ଘଟଣା ଲୁଚାଯାଇଥିଲା କାହିଁକି । କାହା ସ୍ୱାର୍ଥରେ ଉପରିସ୍ଥ ଅଧିକାରୀଙ୍କୁ ଏନେଇ ସୂଚନା ଦିଆଯାଇନଥିଲା । ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ ହୋଇଛି । ସେପଟେ ଏକ ଆର୍‌ଟିଆଇ ତଥ୍ୟରେ କୋଠା ସ୍ଥାନାନ୍ତର ବେଳେ ଫାଇଲ୍ ହଜିଯାଇଥିବା ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସଫେଇ ଦିଆଯାଇଛି । ହେଲେ ଗୋଟିଏ କୋଠାରୁ ମସିହା ଅନୁସାରେ ରଖାଯାଇଥିବା ଫାଇଲ୍ ଗାଏବ ହୋଇଗଲା କେମିତି । ଏଷ୍ଟାବ୍ଲିସ୍‌ମେଣ୍ଟ ସେକ୍ସନ୍‌ରେ କେବଳ ଏହି ଫାଇଲ୍ ହଜିଛି ନା କୋଠା ସ୍ଥାନାନ୍ତର ଆଳରେ ଆଉ କେଉଁ ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଫିଙ୍ଗି ଦିଆଯାଇନାହିଁ ତ । ଜିଲ୍ଲାପାଳ ଖବର ପ୍ରକାଶ ପରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ହଜିଥିବା ଫାଇଲ୍ ମିଳିବ ନା ପୁଣି କେଉଁ ନୂଆ ସଫେଇ ଦିଆଯିବ ତାହା ଉପରେ ନଜର ରହିଛି । ତେବେ ୭ ଦିନ ମହଲତରୁ ୨ ଦିନ ବିତିଯାଇଥିବାରୁ ବାକି ୫ ଦିନରେ ଜିଲ୍ଲା ପରିଷଦ ବଡ଼ ବାବୁମାନେ କି କରିସ୍ମା ଦେଖାଇବେ ତାହାକୁ ଅପେକ୍ଷା । ଏଯାଏ ଏହି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ହାତ ଯାଉନି । ତାହାକୁ ନେଇ ଆଲୋଚନା ଜୋର୍ ଧରିଛି । ତେବେ ଦିନେ ଦୁଇ ଦିନେ ଭିତରେ ବରିଷ୍ଠ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବା ନେଇ ଆଭାସ ମିଳିଛି ।

## ଜିଲ୍ଲାପାଳଙ୍କୁ ଭେଟିଲେ ଓକିଲ ସଂଘ ସଭାପତି/ସମ୍ପାଦକ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପରେ ନବ ନିର୍ବାଚିତ ହୋଇଥିବା ଓକିଲ ସଂଘ ଜିଲ୍ଲା ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ, ଜିଲ୍ଲାପାଳ ରଘୁରାମ୍ ଆର୍.ଆଇ.ଆର୍‌ଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇବା ସହ ଓକିଲ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନା ସମୟରେ ବରିଷ୍ଠ ଆଇନ୍‌ଜୀବୀ ହରିପ୍ରସାଦ କର, ପ୍ରାର୍ଥ ଚକ୍ରବର୍ତ୍ତୀ, ମମତାମୟୀ ସାମଲ, ରମାକାନ୍ତ କାନୁନ୍‌ଗୋ, ନିରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ମେଡିକାଲ୍ କଲେଜକୁ ମରଶରୀର ଦାନ

**ପୁରୀ, ନ୍ୟୁଜ୍ ବ୍ୟୁରୋ**

ଏକ ସାର୍ବଜନୀନ ମହତ ଉଦ୍ଦେଶ୍ୟରେ ମେଡିକାଲ୍ କଲେଜରେ ଛାତ୍ରଛାତ୍ରୀଙ୍କ ପାଠପଢା ପାଇଁ ନିଜ ମାତାଙ୍କ ମୃତଶରୀର ଦାନ କରିଛନ୍ତି ପୁରୀ ସହରର ଜଣେ ଶିକ୍ଷାବିତ୍ । ପୁରୀ ଉପର ନୂଆସାହି ନିବାସୀ ସ୍ୱର୍ଗତ ବୈଦ୍ୟନାଥ ମହାନ୍ତିଙ୍କ ଧର୍ମପତ୍ନୀ ରାଧାମଣି ମହାନ୍ତି ଏପ୍ରିଲ ୬ ତାରିଖ ସନ୍ଧ୍ୟାରେ ଦେହତ୍ୟାଗ କରିବା ପରେ ତାଙ୍କ ପରିବାର ପକ୍ଷରୁ ମୃତଶରୀରକୁ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଶରୀର ସର ନା (ଆନାଟୋମି) ବିଭାଗରେ ଛାତ୍ରଛାତ୍ରୀଙ୍କ ଅଧ୍ୟୟନ ନିମନ୍ତେ ଦାନ କରାଯାଇଛି । ନିଜ ମୃତଶରୀର ଦାନ ପାଇଁ ରାଧାମଣିଙ୍କ ସମେତ ତାଙ୍କର ୪ ପୁତ୍ର ଆଗ୍ରହ ପ୍ରକାଶ କରିବା ସହ ଗତ ଅକ୍ଟୋବର ମାସରେ କଲେଜ କର୍ତ୍ତୃପକ୍ଷଙ୍କୁ ଏକ ଇଚ୍ଛାପତ୍ର ପ୍ରଦାନ କରିଥିଲେ । ସୋମବାର ସନ୍ଧ୍ୟାରେ ଦେହ ତ୍ୟାଗ ପରେ ତାଙ୍କର ପୁତ୍ର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତର ପ୍ରାଣୀବିଜ୍ଞାନ ପ୍ରାକ୍ତନ ବିଭାଗ ମୁଖ୍ୟ ପ୍ରଫୁଲ୍ଲ କୁମାର ମହାନ୍ତି, ଶରତ କୁମାର ମହାନ୍ତି, ବସନ୍ତ କୁମାର ମହାନ୍ତି, ରମେଶ କୁମାର ମହାନ୍ତି, କନ୍ୟା ଅନୁପମା ଦାସ ଓ ଅନ୍ୟ ପରିବାର ସଦସ୍ୟମାନେ ରାଧାମଣିଙ୍କ ମରଶରୀରକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଆନାଟୋମି ବିଭାଗ ମୁଖ୍ୟ ତଥା ଉପାଧ୍ୟକ୍ଷ ପ୍ରଫେସର ଡା. ଲଲାଟେନ୍ଦୁ ସାଇଁଙ୍କୁ ହସ୍ତାନ୍ତର କରିଥିଲେ । ଏହି ସମୟର କଲେଜର ନୀତିତାତ୍ତ୍ୱିକ ଭେଷଜ ଓ ବିଷବିଜ୍ଞାନ (ଏଫ୍‌ଏମ୍ ଟି) ବିଭାଗ ମୁଖ୍ୟ ପ୍ରଫେସର ଡା. ଅମରେନ୍ଦ୍ର ନାୟକ, ବରିଷ୍ଠ ଡାକ୍ତର ଶ୍ରୀକାନ୍ତ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ । ପରେ ଏହି ମରଶରୀରକୁ ବିଭିନ୍ନ ରସାୟନ ପ୍ରୟୋଗ କରି ସଂରକ୍ଷିତ କରାଯାଇଥିବା ବେଳେ ଆଗାମୀ ଦିନରେ ଏହା ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟବହୃତ ହେବ । ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପାଇଁ ଏହା ପ୍ରଥମ ମୃତ ଶରୀର ଦାନ ଘଟଣା ବୋଲି ଡିନ୍ ପ୍ରଫେସର୍ ଡା. ସବିତା ମହାପାତ୍ର ଓ ଆନାଟୋମି ବିଭାଗ ମୁଖ୍ୟ ପ୍ରଫେସର ଡା. ଲଲାଟେନ୍ଦୁ ସାଇଁ କହିଛନ୍ତି । ସାମାଜିକ ସଂସ୍କାର ଓ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଶିକ୍ଷାର ବିକାଶ କକ୍ଷ ନିଜ ମା'ଙ୍କ ମରଶରୀର ଦାନ କରିଥିବା ପରିବାର ସଦସ୍ୟମାନେ ପ୍ରକାଶ କରିଥିବା ବେଳେ ଏଭଳି ସାଧୁ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

## ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର

**ରାଇରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ**

ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଭାବରେ ଆହତ ହୋଇଛନ୍ତି। ଗୁରୁତର ଆହତ ବ୍ୟକ୍ତି ଜଣକ ହେଲେ ବିଶୋଇ ବ୍ଲକ ଅନ୍ତର୍ଗତ ଖଡମବେଡା ଗ୍ରାମର ଦଶରଥ ପାତ୍ର (୫୫)। ଗୁରୁତର ଅବସ୍ଥାରେ ନିକଟସ୍ଥ ମେଡିକାଲ୍‌ରେ ତାଙ୍କର ଚିକିତ୍ସା ଜାରି ରହିଛି। ମଣଦା ରେଞ୍ଜ ଅନ୍ତର୍ଗତ ସାନବାଲିଚୁଆ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ସୂଚନା ଅନୁଯାୟୀ, ଦଶରଥ ସକାଳୁ ସାନବାଲିଚୁଆ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ହଠାତ୍ ଭାଲୁ ହାବୁଡ଼ରେ ପଡ଼ିଯାଇଥିଲେ। ଭାଲୁ ଆକ୍ରମଣରେ ରକ୍ତାକ୍ତ ହୋଇପଡିଥିଲେ ଦଶରଥ। ତାଙ୍କୁ ଉଦ୍ଧାର କରାଯାଇ ବିଶୋଇ ମେଡିକାଲ୍‌ରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ତେବେ ଭାଲୁ ଆକ୍ରମଣରେ ଦଶରଥଙ୍କ ଦୁଇ ହାତ, ଡାହାଣ ଗୋଡ ଓ ଛାତିରେ ଆଘାତ ଲାଗିଛି। ଖବରପାଇ ମଣଦା ରେଞ୍ଜ ଅଧିକାରୀ ମେଡିକାଲ୍ ପହଞ୍ଚି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ।



## ବିଦ୍ୟାଳୟ ପରିସରରୁ ଗଛ କାଟି ବିକ୍ରି ଅଭିଯୋଗ:ପ୍ରତିବାଦରେ ଗ୍ରାମବାସୀଙ୍କ ତାଲାବନ୍ଦ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**



ଧାମନଗର ବ୍ଲକ ଦଇପୁର ପଞ୍ଚାୟତ ସ୍ଥିତ ୧୯୪୭ ମସିହାରେ ସ୍ଥାପିତ ଜଗନ୍ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଅରାଜକତାର ପେଣ୍ଠସ୍ଥଳ ପାଲଟିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକଳାପ ଏବଂ ଶିକ୍ଷା ବିଭାଗର ଉଦାସୀନତା ଯୋଗୁଁ ଏହି ପୁରାତନ ଶିକ୍ଷାନୁଷ୍ଠାନ ଏବେ ଅଚଳାବସ୍ଥାକୁ ଚାଲିଆସିଛି। ଜରାଜୀର୍ଣ୍ଣ ବିପଦ ସଙ୍କୁଳ ଶ୍ରେଣୀ ଗୃହର ପାଠପଢ଼ା ବି ହେଉଚି । ସୂଚନା ଅନୁଯାୟୀ, ଚଳିତ ମାସ ୫ ତାରିଖରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିନା କୌଣସି ବିଭାଗୀୟ ଅନୁମତିରେ ପରିସର ମଧ୍ୟରେ ଥିବା ମୂଲ୍ୟବାନ ଗଛଗୁଡ଼ିକୁ କାଟି ବିକ୍ରି କରୁଥିଲେ। ଏହା ଜାଣିପାରି ବାବୁରିଗାଁ ଓ ସ୍ୱାମୀପାଟଣାର ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଏହାକୁ ତୀବ୍ର ବିରୋଧ କରିଥିଲେ। କଟା ଗଛଗୁଡ଼ିକ ଏବେ ମଧ୍ୟ ବିଦ୍ୟାଳୟ ପରିସରରେ ପଡ଼ିରହିଥିବା ବେଳେ ପ୍ରତିବାଦ ସ୍ୱରୂପ ଗ୍ରାମବାସୀ ବିଦ୍ୟାଳୟରେ ଚାବି ପକାଇ ଦେଇଛନ୍ତି। ଖବରପାଇ ପୋଲିସ ଓ ଶିକ୍ଷା ବିଭାଗର ଅଧିକାରୀମାନେ ପହଞ୍ଚିଥିଲେ ମଧ୍ୟ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହୋଇପାରିନାହିଁ। ଗଛ କଟାକୁ ନେଇ ବିବାଦ ବଢ଼ିବା ପରେ ପ୍ରଧାନ ଶିକ୍ଷକ କାହାକୁ ଦାୟିତ୍ୱ ନଦେଇ ମନମୁଖୀ ଭାବେ ଛୁଟିରେ ରହିଛନ୍ତି। ଫଳରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବର୍ତ୍ତମାନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଚାଲିଥିବା ବେଳେ ନୂତନ ନାମଲେଖା ବାଧାପ୍ରାପ୍ତ ହୋଇଛି। ସେହିପରି ଅଷ୍ଟମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇଥିବା ପିଲାମାନେ ନିଜର ସାର୍ଟିଫିକେଟ୍ ପାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଦ୍ୟାଳୟରେ ମାତ୍ର ୪୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ୫ ଜଣ ଶିକ୍ଷକ ନିୟୋଜିତ ଥିଲେ ହେଁ ବିଦ୍ୟାଳୟ ପରିବେଶ ଅତ୍ୟନ୍ତ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ହୋଇପଡ଼ିଛି । ଏ ସମ୍ପର୍କରେ ସି.ଆର୍.ସି.ସି ଦେବେନ୍ଦ୍ର କବି କହିଛନ୍ତି ଯେ, ସେ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି ଏବଂ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିବେ। ତେବେ ଏତେବଡ଼ ସମ୍ବେଦନଶୀଳ ଘଟଣା ଘଟିଥିଲେ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ କାହିଁକି ଚୁପ୍ ରହିଛି, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଜଣେ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଗୋଟେ ଗଛ ଲଗାଇନଥିବା ବେଳେ ସେଠାରୁ ଗଛ ଗୁଡ଼ିକ କାଟି ବିକ୍ରି କରିଦେଇଥିଲେବି ପ୍ରଶାସନ କାହିଁକି ପ୍ରଧାନ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଇ ବିଦ୍ୟାଳୟରେ ସ୍ୱାଭାବିକ ଶିକ୍ଷାଦାନ ବ୍ୟବସ୍ଥା ଫେରାଇ ଆଣିବାକୁ ଦଇପୁର ପଞ୍ଚାୟତବାସୀ ଦାବି କରିଛନ୍ତି।

## ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂତନ ଦେୟ କ୍ୟାବିନ୍ ଉଦ୍‌ଘାଟିତ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସୁବିଧା ପାଇଁ ନବନିର୍ମିତ ଦେୟ କ୍ୟାବିନ୍ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ଲୋକାର୍ପିତ କରିଛନ୍ତି। ଯାଜପୁର ସହର ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପ୍ରତିଦିନ ଶହ ଶହ ସଂଖ୍ୟାରେ ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରନ୍ତି। ତେଣୁ ଗୁଣାତ୍ମକ ଡାକ୍ତରୀ ସେବା ଏବଂ ରୋଗୀଙ୍କ ସୁବିଧା ପାଇଁ ଏଠାରେ ୭ଟି ସିଙ୍ଗଲ୍ କ୍ୟାବିନ୍ ଏବଂ ୩ଟି ଟ୍ୱିନ୍ ଫ୍ୟାସିଲିଟି ପେ-କ୍ୟାବିନ୍ ବା ଦେୟ କ୍ୟାବିନ୍ ବ୍ୟବସ୍ଥା ଆରମ୍ଭ ହୋଇଛି। ପ୍ରତ୍ୟେକ କ୍ୟାବିନ୍ ପିଛା ୧୫୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ପ୍ରତ୍ୟେକ କ୍ୟାବିନ୍ କକ୍ଷରେ ଦୁଇରୁ ତିନିଟି ଶଯ୍ୟା ସହ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ଟେଲିଭିଜନ୍, ଫ୍ୟାନ୍, ଆଲୋକ ବ୍ୟବସ୍ଥା ସହ ଶୌଚାଳୟ ଆଦି ସୁବିଧା ରହିଛି। ଏହାସହ ପେସେଣ୍ଟ କଲିଂ ସିଷ୍ଟମ୍ ମଧ୍ୟ ସ୍ଥାପନ କରାଯାଇଛି। କ୍ୟାବିନ୍ ପରିସରରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ କର୍ମଚାରୀ ନିୟୋଜିତ ହେବେ। ଉଦ୍‌ଘାଟନ ପରେ ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା କହିଥିଲେ ଯେ ବର୍ତ୍ତମାନ ନୂତନ କ୍ୟାବିନ୍ ଲୋକାର୍ପିତ ହେବାପରେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଉତ୍ତମ ମାନର ସେବା ପାଇପାରିବେ। ଜିଲ୍ଲାପାଳ ଅମ୍ବର କୁମାର କର କହିଥିଲେ ଯେ ବିଶେଷ କରି ଆଇସିୟୁରୁ ବାହାରୁଥିବା ରୋଗୀ ଏବଂ ସ୍ୱତନ୍ତ୍ର ଡାକ୍ତରୀ ସେବା ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ କ୍ୟାବିନ୍‌ର ଡିମାଣ୍ଡ ଥିଲା। ତାହା ଏବେ ପୂରଣ ହେବ। ରୋଗୀଙ୍କ ବୃଦ୍ଧି ସହ ଆଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ପାଇଁ ବ୍ୟବସ୍ଥା କରାଯିବ। ଏହାସହ ଡିସେମ୍ବର ସୁଦ୍ଧା ଜିଲ୍ଲାରେ ଡାଏଲିସିସ୍ ଶଯ୍ୟା ବୃଦ୍ଧି ପାଇଁ ମଧ୍ୟ ଯୋଜନା ରହିଛି ବୋଲି ଜିଲ୍ଲାପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ବିଜୟ କୁମାର ମିଶ୍ର, ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜର ଅଧ୍ୟକ୍ଷ ମନୋରମା ସ୍ୱାଇଁ, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଦେଶୀ ମଦ ଚାଲାଣ ବେଳେ ଚଢ଼ଉ:୩ ଗିରଫ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଓ ନିରିକ୍ଷକ କାର୍ଯ୍ୟାଳୟ ତରଫରୁ ମିଳିତ ଚଢ଼ଉ କରାଯାଇ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ନୁଆପୁଟ ଓ କୁମ୍ଭାରଗୁଡାର ୨ ଜଣ ମହିଳା ଅଭିଯୁକ୍ତଙ୍କ ସମେତ ବାର୍ଲାହାଣ୍ଡିର ଦୁର୍ଜନ ବିଷୋୟୀକୁ ଗିରଫ କରିଛି । ଜୟପୁର ଅବକାରୀ ଥାନା ଓ ନିରିକ୍ଷକ କାର୍ଯ୍ୟାଳୟ ନୁଆପୁଟ, ବାର୍ଲାହାଣ୍ଡି ଓ କୁମ୍ଭାରଗୁଡା ଠାରେ ଚଢ଼ଉ କରିଛି । ଚଢଉ କରି ୫୬ ଲିଟର ଦେଶୀ ମଦକୁ ଜବତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ ଚାଲାଣ କରିଥିବା ବିଷୟ ଜୟପୁର ଅବକାରୀ ନିରିକ୍ଷକ ଅଜୟ ନାୟକ ଓ ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୂଚନା ଦେଇଛନ୍ତି ।



## ରାସ୍ତା ନିର୍ମାଣ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**


ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଆଡେଣୀ ଗଡ ଗ୍ରାମ ପଞ୍ଚାୟତ କୁଚପାଜୁ ଗ୍ରାମର ଅଧିବାସୀମାନେ ଆଦିମ ଅଧିବାସୀ ଏକତା ମଞ୍ଚର ଜନ ସାଥୀ ପ୍ରଦୀପ କହଁରଙ୍କ ନେତୃତ୍ୱରେ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ପଞ୍ଚାୟତ ସଦର ମହକୁମା ଆଡେଣୀଗଡ ଠାରୁ କୁଚପାଜୁ ଗ୍ରାମର ଦୂରତା ପ୍ରାୟ ୪ କିଲୋମିଟର ହୋଇଥିବାବେଳେ ଗ୍ରାମକୁ ଯିବାକୁ ହେଲେ ଦୁଇଟି ଛୋଟ ଛୋଟ ପାହାଡ ଅତିକ୍ରମ କରିବାକୁପଡୁଛି । ଫଳରେ ଲୋକେ ଯାତାୟାତରେ ସମସ୍ୟା ଭୋଗ କରୁଥିବା ଅଭିଯୋଗ କରିଛନ୍ତି । ଉକ୍ତ ଗ୍ରାମକୁ ରାସ୍ତା ନଥିବା ହେତୁ ନଳ କୂପ ଖନନ ମେସିନ୍ ପହଞ୍ଚି ପାରୁନଥିବା ହେତୁ ଲୋକେ ପାନୀୟ ଜଳ ସମସ୍ୟା ଭୋଗ କରୁଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୃହ ନିର୍ମାଣ ସାମଗ୍ରୀ ସିମେଣ୍ଟ ଛଡ଼ ଇଟା ଆଦି ଗ୍ରାମରେ ପହଞ୍ଚିପାରୁ ବୋଲି ଜିଲ୍ଲାପାଳଙ୍କ ନିକଟରେ ଗ୍ରାମବାସୀ ଅଭିଯୋଗ କରି ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି ।

# ଓଡ଼ିଶାର ଗ୍ରାମାଞ୍ଚଳରେ ଉନ୍ନତ ଚିକିତ୍ସା ଉପଲବ୍ଧ କରାଉଛି ୟୁଏଆଇଏଲ୍‌ର ଉତ୍କଳ ହସ୍‌ପିଟାଲ୍

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ବିର୍ଲା ଗ୍ରୁପ୍ ଅଧିନସ୍ଥ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ?ର ଏକ ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସ୍‌ନାଲ୍ ଲିମିଟେଡ (ୟୁଏଆଇଏଲ୍) ଗୋଷ୍ଠୀ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃସୁଦୃଢ଼ୀକରଣ କରି ରାୟଗଡା ଜିଲ୍ଲାର ଟିକିରି (ଓଷାପଡା) ଠାରେ ଉତ୍କଳ ହସ୍‌ପିଟାଲ୍‌ର ସଫଳ ପରିଚାଳନା ଜରିଆରେ ଦକ୍ଷିଣ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭଗମ୍ୟତାକୁ ନିରନ୍ତର ସୁଦୃଢ଼ କରିବାରେ ଲାଗିଛି । ଏହି ହସ୍‌ପିଟାଲ୍ ସମୟୋଚିତ ଏବଂ ଗୁଣାତ୍ମକ ଚିକିତ୍ସା ସେବା ପାଇବାରେ ଚାଲେଞ୍ଜର ସମ୍ମୁଖୀନ ହେଉଥିବା ଦୁର୍ଗମ ଅଞ୍ଚଳ ଓ ଗ୍ରାମାଞ୍ଚଳର ଜନସମୁଦାୟଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ସ୍ଥଳରେ ପରିଣତ ହୋଇଛି । ୟୁଏଆଇଏଲ୍‌ର ଅଗ୍ରଣୀ ସ୍ୱାସ୍ଥ୍ୟସେବା ପ୍ରୟାସ 'ପ୍ରୋଜେକ୍ଟ ଆରୋଗ୍ୟମ୍ ୦୧'ର ଏକ ମାଇଲଖୁଣ୍ଟ ଭାବରେ ସେବା ଯୋଗାଉଥିବା ଉତ୍କଳ ହସ୍‌ପିଟାଲ୍ ସମଗ୍ର ଓଷାପଡା, ଟିକିରି, କାଶୀପୁର, ରାୟଗଡା ଏବଂ କୋରାପୁଟ ଜିଲ୍ଲାର କେତେକ ଭାଗରେ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ସମର୍ଥନ ଯୋଗାଇଦେଉଛି । ନୂଆପଡା ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକ ସହିତ ସମନ୍ୱୟ ରକ୍ଷାକରି ଏହି ହସ୍‌ପିଟାଲ୍ ପ୍ରତି ମାସରେ ପ୍ରାୟ ୭,୫୦୦ ରୋଗୀଙ୍କର ଚିକିତ୍ସା କରୁଛି । ଆଉ ପ୍ରାୟ ୨,୫୦୦ ରୋଗୀ କମ୍ପାନୀ ଦ୍ୱାରା ପରିଚାଳିତ ଫାଷ୍ଟ ଏଡ୍ ସେଣ୍ଟର ଜରିଆରେ ସ୍ୱାସ୍ଥ୍ୟସେବା ପାଉଛନ୍ତି । ୨୨ ଶଯ୍ୟା ବିଶିଷ୍ଟ ଉତ୍କଳ ହସ୍‌ପିଟାଲ୍ ଚବିଶ ଘଣ୍ଟିଆ ସ୍ପେଶାଲିଷ୍ଟ ଯତ୍ନ ଯୋଗାଇ ଦେଉଛି ଏବଂ ଅବଷ୍ଟେଟ୍ରିକ୍ସ ଆଣ୍ଡ୍ ଗାଏନାକୋଲୋଜି (ଓ ଆଣ୍ଡ୍ ଜି), ମେଡିସିନ୍, ସର୍ଜରୀ, ଆନାସ୍ଥେସିଆ, ପେଡିଆଟ୍ରିକ୍ସ ଆଦି ବିଭାଗର ଅଭିଜ୍ଞ ଡାକ୍ତରଗଣ ତଥା ଅର୍ଥୋପେଡିକ୍ସ ଓ ଜେନେରାଲ ଫିଜିସିଆନ୍ ସର୍ଭିସେସ୍ ଏହାକୁ ସମର୍ଥନ ଯୋଗାଇ ଦେଉଛନ୍ତି । ଇଏନ୍‌ଟି, ଡେଣ୍ଟାଲ୍, ଡର୍ମାଟୋଲୋଜି ଏବଂ ଅର୍ଥୋପେଡିକ୍ସରେ ଭିଜିଟିଂ ସ୍ପେଶାଲିଷ୍ଟଗଣ ବହୁଶୃଙ୍ଖଳା ଚିକିତ୍ସା ବିଦ୍ୱତା ରୋଗୀମାନଙ୍କ ନିମନ୍ତେ ଉପଲବ୍ଧ ହେବା ସମର୍ଥ କରାଉଛନ୍ତି । ଏହି ପ୍ରୟାସ ସମୂହ ସମ୍ପର୍କରେ ମତ ଦେଇ ରବି ମିଶ୍ର, ୟୁନିଟ୍ ହେଡ, ୟୁଏଆଇଏଲ୍ କହିଥିଲେ, "ସ୍ୱାସ୍ଥ୍ୟସେବା ହେଉଛି ଦୀର୍ଘସ୍ଥାୟୀ ଗୋଷ୍ଠୀ ବିକାଶର ଅନ୍ୟତମ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ପ୍ରୋଜେକ୍ଟ ଆରୋଗ୍ୟମ୍ ୦୧ ଜରିଆରେ ଉତ୍କଳ ହସ୍‌ପିଟାଲ୍ ଦୁର୍ଗମ ଅଞ୍ଚଳଗୁଡିକରେ ବାସ କରୁଥିବା ଜନସାଧାରଣଙ୍କ ନିକଟରେ ଗୁଣାତ୍ମକ ଚିକିତ୍ସା ସୁବିଧା ପହଞ୍ଚାଇବା ସୁନିଶ୍ଚିତ କରୁଛି । ଆଧୁନିକ ନିଦାନ, ସ୍ପେଶାଲିଷ୍ଟ ଯତ୍ନ ଏବଂ ଜରୁରୀକାଳୀନ ସେବାଗୁଡିକ ଯୋଗାଇଦେଇ ଶେଷ-ମାଇଲ ସ୍ୱାସ୍ଥ୍ୟସେବା ଯୋଗାଣକୁ ସୁଦୃଢ଼ କରିବା ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି, ଯଦ୍ୱାରା ଦୂରତା ଓ ସୁବିଧା ଅଭାବରୁ ସମୟୋଚିତ ଚିକିତ୍ସାରୁ ଯେଭଳି କୌଣସି ବ୍ୟକ୍ତି ବଞ୍ଚିତ ନହେବେ ତାହା ନିଶ୍ଚିତ କରାଯାଉଛି ।" ସିଟି ସ୍କାନ୍, କମ୍ପ୍ୟୁଟେଡ ଏକ୍ସ-ରେ, ଏଣ୍ଡୋସ୍କୋପି ଏବଂ ମିନିମାଲି ଇନ୍‌ଭାସିଭ ଲାପାରୋସ୍କୋପିକ୍ ସର୍ଜରୀ ଆଦି ଆଧୁନିକ ଚିକିତ୍ସା ଭିତ୍ତିଭୂମି ଏବଂ ଉନ୍ନତ ରୋଗ ନିରୂପଣକାରୀ ସୁବିଧାରେ ସୁସଜ୍ଜିତ ଉତ୍କଳ ହସ୍‌ପିଟାଲ୍ ବିପୁଳ ସମ୍ମାନ ସାଉଣ୍ଟୁଛି । ଏଠାରେ ଏକ ଲାବୋରୋଟୋରୀ ରହିଛି ଯେଉଁଠାରେ ହର୍‌ମୋନ, ବାୟୋକେମିଷ୍ଟ୍ରି, ସିବିସି ଏବଂ ଇଲେକ୍‌ଟ୍ରୋଲାଇଟ୍ ଆନାଲାଇଜରଗୁଡିକ ସଠିକ୍ ରୋଗ ନିରୂପଣ ଏବଂ ସମୟୋଚିତ ଚିକିତ୍ସା ସମ୍ପର୍କିତ ନିଷ୍ପତ୍ତି ଗ୍ରହଣକୁ ସୁନିଶ୍ଚିତ କରାଉଛି । ଏସବୁ ସହିତ ଏକ ଆଧୁନିକ ଫିଜିଓଥେରାପି ୟୁନିଟ୍ ଅସ୍ତ୍ରୋପଚାର, ଆଘାତ, ଷ୍ଟ୍ରୋକ୍ ଏବଂ କ୍ରନିକ ମସ୍କ୍ୟୁଲୋସ୍କେଲିଟାଲ ପରିସ୍ଥିତିଗୁଡିକରୁ ଆରୋଗ୍ୟଲାଭ କରୁଥିବା ରୋଗୀମାନଙ୍କର ପୁନର୍ବାସକୁ ସମର୍ଥନ ଯୋଗାଇ ଦେଉଛି ଏବଂ ଏହାଦ୍ୱାରା ଆରୋଗ୍ୟକାରୀ ଫଳାଫଳ ତଥା ଜୀବନର ମାନରେ ଉଲ୍ଲେଖନୀୟ ଉନ୍ନତି ଘଟୁଛି । କୋଭିଡ-୧୯ ମହାମାରୀ ଏବଂ କାଶୀପୁର ବ୍ଲକ୍‌ରେ ୨୦୨୩ରେ ଡାଇରିଆ ସଂକ୍ରମଣ ସମେତ ଜଟିଳ ସ୍ୱାସ୍ଥ୍ୟଗତ ଚାଲେଞ୍ଜ ସମୟରେ ଉତ୍କଳ ହସ୍‌ପିଟାଲ୍ ସମୟୋଚିତ ଚିକିତ୍ସା ଏବଂ ଉନ୍ନତ ସ୍ୱାସ୍ଥ୍ୟଗତ ଯତ୍ନ ଯୋଗାଇଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା, ଯାହାଦ୍ୱାରା ସ୍ଥାନୀୟ ଅଧିବାସୀମାନେ ଦୂର ସ୍ଥାନରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକୁ ନଯାଇ ଆଧୁନିକ ସ୍ୱାସ୍ଥ୍ୟଯତ୍ନ ସେବାଗୁଡିକର ସୁଯୋଗ ନେଇପାରିଥିଲେ । ପରିବ୍ୟାପ୍ତ ପହଞ୍ଚି ସୁନିଶ୍ଚିତ କରିବାକୁ ୟୁଏଆଇଏଲ୍ ମୋବାଇଲ୍ ହେଲ୍‌ଥ ୟୁନିଟ୍ (ଏମ୍‌ଏଚ୍‌ୟୁ) ଏବଂ ଦୁଇଟି ଆଡ୍‌ଭାନ୍ସଡ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ, ତିନିଟି ବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଏବଂ ଗୋଟିଏ ହିଅର୍‌ସେ ଭ୍ୟାନ୍ ପରିଚାଳନା କରୁଛି । ଏଗୁଡିକ ଏକତ୍ରିତ ଭାବରେ ୪୭୦ରୁ ଅଧିକ ଗ୍ରାମରେ ଜରୁରୀକାଳୀନ ଆମ୍ବୁଲାନ୍ସ ସୁବିଧା ଯୋଗାଇ ଦେଉଛନ୍ତି । ଏହି ପ୍ରୟାସଗୁଡିକ ସମ୍ପ୍ରତି ରାୟଗଡା, କୋରାପୁଟ ଏବଂ କଳାହାଣ୍ଡି ଆଦି ଜିଲ୍ଲାଗୁଡିକରେ ପ୍ରାୟ ୫୭,୦୦୦ ଲୋକଙ୍କୁ ସେବା ଯୋଗାଇ ଦେଉଛି ଏବଂ ସେମାନଙ୍କ ପାଇଁ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଟିକାକରଣ ଏବଂ ମାତୃସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ସ୍ୱାସ୍ଥ୍ୟରକ୍ଷା ତଥା ରୋଗ ନିରାକରଣ ଆଦି ସମ୍ପର୍କରେ ସଚେତନତା ସେବା ପହଞ୍ଚାଉଛି । ନିକଟବର୍ତ୍ତୀ ଗ୍ରାମଗୁଡିକର ହିତାଧିକାରୀମାନେ ମଧ୍ୟ ସେମାନଙ୍କ ଜୀବନ ଉପରେ ହସ୍‌ପିଟାଲ୍‌ର ପ୍ରଭାବକୁ ସ୍ୱୀକାର ଓ ପ୍ରଶଂସା କରିଛନ୍ତି । ଟିକିରିର ଜଣେ ଗ୍ରାମବାସୀ କୈଳାସ ମାଝୀ କହିଥିଲେ, "ପୂର୍ବରୁ ମୌଳିକ ଚିକିତ୍ସା ପାଇଁ ମଧ୍ୟ ଆମକୁ ଦୂର ସହରଗୁଡିକୁ ଯିବାକୁ ପଡୁଥିଲା, ଯାହା ବ୍ୟୟ ବହୁଳ ଓ ସମୟ ସାପେକ୍ଷ ଥିଲା । ଏବେ ନିକଟରେ ଉତ୍କଳ ହସ୍‌ପିଟାଲ୍ ରହିଥିବାରୁ ଆମେ ଆମ ହାତ ପାଆନ୍ତାରେ ଭଲ ଡାକ୍ତର, ରୋଗ ନିରୂପଣକାରୀ ସୁବିଧା ଏବଂ ଜରୁରୀକାଳୀନ ଆମ୍ବୁଲାନ୍ସ ସମର୍ଥନ ପାଇପାରୁଛୁ । ଆମ ଗ୍ରାମରେ ପରିବାରଗୁଡିକ ସକାଶେ ଏହା ବଡ ଆଶ୍ୱସ୍ତି ଆଣିଦେଇଛି ।" ଜନସାଧାରଣଙ୍କୁ ସେମାନଙ୍କ ଘର ନିକଟରେ ସୁଲଭ, ସହଜ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟଯତ୍ନ ସେବାଗୁଡିକ ଯୋଗାଇଦେଇ ଉତ୍କଳ ହସ୍‌ପିଟାଲ୍ ରୋଗୀମାନେ ଦୂର ସହରଗୁଡିକୁ ଯିବା ଆବଶ୍ୟକତା ହ୍ରାସ କରିଛି । ତାହା ସହିତ ସମଗ୍ର ଗ୍ରାମୀଣ ଓଡ଼ିଶାରେ ସ୍ୱାସ୍ଥ୍ୟଯତ୍ନ ସେବା ତଥା ସମାବେଶୀ ଓ ଦୀର୍ଘସ୍ଥାୟୀ ଗୋଷ୍ଠୀ ବିକାଶ ନିମନ୍ତେ ଉତ୍କଳ ଆଲୁମିନାର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ୀକରଣ କରୁଛି ।





32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୨ ଅପ୍ରେଲ, ରବିବାର, ୨୦୨୬


# ଗୋଟିଏ ଆଇପିଏଲ୍ ମ୍ୟାଚ ଖେଳି ୧୫.୩୫ ଲକ୍ଷ ଟଙ୍କା ରୋଜଗାର କରନ୍ତି ବୈଭବ




**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ର ୧୬ତମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ଆରସିବିକୁ ୬ ୱିକେଟରେ ପରାସ୍ତ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ରାଜସ୍ଥାନ ରୟାଲ୍ସର ପ୍ରତିନିଧିତ୍ୱ କରୁଥିବା ବୈଭବ ସୂର୍ଯ୍ୟବଂଶୀ ଏବେ ବେଶ୍ ଚର୍ଚ୍ଚାରେ। ସେ ମାତ୍ର ୨୬ବଲରେ ୭୮ ରନ କରି ଏକ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହି ଯୁବ ବ୍ୟାଟସମ୍ୟାନ କେବଳ ମ୍ୟାଚ ଜିତି ନଥିଲେ ବରଂ ରାତାରାତି ତାଙ୍କ ମୂଲ୍ୟକୁ ବହୁଗୁଣିତ କରିଥିଲେ। ଆସନ୍ତୁ ଜାଣିବା ପ୍ରତି ଆଇପିଏଲ୍ ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀ ପ୍ରକୃତରେ କେତେ ରୋଜଗାର କରନ୍ତି।

ବୈଭବ ସୂର୍ଯ୍ୟବଂଶୀଙ୍କର ବର୍ତ୍ତମାନ ୨୦୨୬ ଆଇପିଏଲ୍ ସିଜିନ ପାଇଁ ରାଜସ୍ଥାନ ରୟାଲ୍ସ ସହିତ ଏକ ଚୁକ୍ତିନାମା ଅଛି, ଯାହାର ମୂଲ୍ୟ ମୋଟ ୧.୧୦କୋଟି। କୌଣସି ମ୍ୟାଚରେ ତାଙ୍କର ପ୍ରଦର୍ଶନକୁ ବିଚାର ନକରି, ଏହା ଫ୍ରାଞ୍ଚାଇଜ ଠାରୁ ତାଙ୍କର ମୂଳ ଦରମା।

ଯଦି ଆମେ ତାଙ୍କର ମୋଟ ଚୁକ୍ତିନାମାକୁ ଏକ ସାଧାରଣ ୧୪-ମ୍ୟାଚ ଲିଗ ସିଜିନ ସହିତ ଭାଗ କରିବା, ତେବେ ତାଙ୍କର ମୂଳ ଦରମା ପ୍ରତି ମ୍ୟାଚ ପ୍ରାୟ ୭.୮୫ଲକ୍ଷ ହେବ। ଏହା ହେଉଛି ପ୍ରତି ମ୍ୟାଚରେ ଫ୍ରାଞ୍ଚାଇଜ ତାଙ୍କ ସେବା ପାଇଁ ନେଇଥିବା ସ୍ଥିର ମୂଲ୍ୟ।

ସେମାନଙ୍କ ଚୁକ୍ତିନାମା ବ୍ୟତୀତ, ଆଇପିଏଲ୍ ଖେଳାଳିମାନେ ଏକ ମ୍ୟାଚ ଫି ମଧ୍ୟ ପାଆନ୍ତି। ବର୍ତ୍ତମାନର ନିୟମ ଅନୁଯାୟୀ, ଏହା ପ୍ରତି ମ୍ୟାଚ ପାଇଁ ପ୍ରାୟ ୭.୫୦ ଲକ୍ଷ। ଏହି ପରିମାଣ ପୃଥକ ଭାବରେ ପ୍ରଦାନ କରାଯାଏ ଏବଂ ସେମାନଙ୍କର ମୋଟ ଆୟକୁ ଯଥେଷ୍ଟ ବୃଦ୍ଧି କରେ।

ମିଶ୍ରଣ କଲେ, ବୈଭବଙ୍କ ପ୍ରତି ମ୍ୟାଚ ପାଇଁ ମୋଟ ଆୟ ପ୍ରାୟ ୧୫.୩୫ ଲକ୍ଷ ହୋଇଯାଉଛି। ଏହାର ଅର୍ଥ ହେଉଛି ଏହି ଆୟରେ ତାଙ୍କର ଚୁକ୍ତିନାମା ଅଂଶ ଏବଂ ତାଙ୍କ ମ୍ୟାଚ ଫି ଉଭୟ ଅନ୍ତର୍ଭୁକ୍ତ। ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନକୁ ଆଧାର କରି, ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ତାଙ୍କର ପ୍ରକୃତ ବଜାର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି।

# ପଞ୍ଜାବ ହାତରୁ ହାରିଲା ହାଇଦ୍ରାବାଦ୍

**ଚଣ୍ଡିଗଡ଼**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୬ର ସପ୍ତଦଶ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ହାତରୁ ସନରାଇଜର୍ସ ହାଇଦ୍ରାବାଦ ହାରିଛି। ଚଣ୍ଡିଗଡ଼ରେ ଖେଳାଯାଇଥିବା ଏହି ମ୍ୟାଚକୁ ପଞ୍ଜାବ ୬ ୱିକେଟ୍‌ରେ ଜିତିଛି। ଘରୋଇ ପଞ୍ଜାବ ଦଳ ୨୨୦ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ପଞ୍ଜାବ ୧୮.୫ ଓଭରରେ ୪ଟି ୱିକେଟ୍ ହରାଇ ୨୨୩ ରନ୍ କରିଛି। ପଞ୍ଜାବର ତିନି ଜଣ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଛନ୍ତି। ଆଜିର ବିଜୟ ସହିତ ପଞ୍ଜାବ ୪ଟିରୁ ମୋଟ୍ ୩ଟି ମ୍ୟାଚରେ ଜିତିଛି ଏବଂ ୭ ପଏଣ୍ଟ ହାସଲ କରିଛି। ଗତ ୬ ତାରିଖ କୋଲକାତା ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା।

ଅଧିନାୟକ ଶ୍ରେୟସ ଆୟର ଘରୋଇ ପଡ଼ିଆରେ ଦମଦାର ବ୍ୟାଟିଂ କରିଛନ୍ତି। ସେ ଅପରାଜିତ ୬୯ ରନ୍ ସଂଗ୍ରହ କରିଛନ୍ତି। ୩୩ଟି ବଲ୍ ଖେଳି ୫ଟି ଚୌକା ଏବଂ ୫ଟି ଛକା ମାରିଛନ୍ତି। ଶଶାଙ୍କ ସିଂହ ଅପରାଜିତ ୧୬ ରନ୍ ସଂଗ୍ରହ କରିଛନ୍ତି। ସେ ୯ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଛନ୍ତି। ନେହାଲ ୱାଧେରା ୧୪ ରନ୍ କରିଥିଲେ।



ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ଦଳକୁ ବିଜୟୀ କରିବାରେ ବଡ଼ ଭୂମିକା ତୁଲାଇଥିଲା। ଉଭୟ ପ୍ରାରମ୍ଭିକ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂହ ପ୍ରଥମ ୱିକେଟ୍ ପାଇଁ ୯୯ ରନର ଭାଗିଦାରୀ କରିପାରିଥିଲେ। ପ୍ରିୟାଂଶ ୨୦ଟି ବଲ୍ ଖେଳି ୫ଟି ଚୌକା ଏବଂ ୫ଟି ଛକା ବଳରେ ବ୍ୟକ୍ତିଗତ ଭାବେ ୫୭ ରନ୍ ସଂଗ୍ରହ କରିଥିଲେ। ସେହିପରି ପ୍ରଭସିମରନ ୨୫ଟି ବଲ୍ ସାମ୍ନା କରିଥିଲେ ଏବଂ ୫୧ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୪ଟି ଚୌକା ଏବଂ ୪ଟି ଛକା ସାମିଲ କରିଥିଲେ।

ଏହି ମ୍ୟାଚ୍‌ରେ ଟସ୍ ଜିଣି ପଞ୍ଜାବ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ହାଇଦ୍ରାବାଦ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା। ହାଇଦ୍ରାବାଦ ପାଇଁ ଅଭିଷେକ ଶର୍ମା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୨୮ଟି ବଲ୍ ଖେଳି ଦ୍ରୁତଗତିରେ ୭୪ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୮ଟି ଛକା ସାମିଲ କରିଥିଲେ। ଟ୍ରାଭିସ ହେଡ୍ ୩୮ ରନ୍, ଈଶାନ କିଶନ ୨୭ ରନ୍, ହେନରିକ୍ କ୍ଲାସେଁ ୩୯ ରନ୍, ଅନିକେତ ବର୍ମା ୧୮ ରନ୍ ସଂଗ୍ରହ କରିଥିଲେ। ପଞ୍ଜାବ ପାଇଁ ଅର୍ଶଦୀପ ସିଂହ ଏବଂ ଶଶାଙ୍କ ସିଂହ ୨-୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଜାଭିୟର ବାର୍ଟଲେଟଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

# ଭାରତକୁ ମିଳିଲା ୧୩ ସ୍ୱର୍ଣ୍ଣ ପଦକ

**ଶିମ୍ଲା**

ଭାରତୀୟ ଟେବୁଲ ଟେନିସ ଖେଳାଳି ସାଉଥ ଏସିଆନ ୟୁଥ୍ ଟେବୁଲ ଟେନିସ ଚାମ୍ପିୟନସିପ୍‌ରେ ଆଧିପତ୍ୟ ବିସ୍ତାର କରି ସମସ୍ତ କାଟେଗୋରିରେ ମୋଟ ୧୩ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟକୁ ଏସିଆନ ୟୁଥ୍ ଚାମ୍ପିୟନସିପ୍ ପାଇଁ ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି।

୧୯ ବର୍ଷରୁ କମ୍ କାଟେଗୋରୀ ବାଳକ ସିଙ୍ଗଲ୍ସ ଫାଇନାଲରେ ଭାରତର ପ୍ରିୟାନୁଜ ଭଟ୍ଟାଚାର୍ଯ୍ୟ ନିଜ ଦେଶର ପୁନିତ୍ ବିଶ୍ୱାସଙ୍କୁ ୩-୧ରେ ହରାଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଡବଲ୍ସରେ ଏମ୍‌ଆର ବାଲ୍ଲୁରୁଗାନ ଓ ମେହାନ ସେନ୍ଥିଲ ବାଂଲାଦେଶର ଅବୁଲ ହାସିବ ଓ ନାଫିଜ ଇକ୍‌ବାଲଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଛନ୍ତି। ୧୫ବର୍ଷରୁ କମ୍ ବିଭାଗ ଫାଇନାଲରେ ଆଦିତ୍ୟ ଦାସ ଭାରତର ଅକ୍ଷୟ କିରିକାରାଙ୍କୁ ପରାସ୍ତ କରିଛନ୍ତି। ଡବଲ୍ସ ଟାଇଟଲ ମଧ୍ୟ ଘରୋଇ ଯୋଡ଼ି ହାତେଇଛନ୍ତି। ରିଶାନ ଛଟ୍ଟୋପାଧ୍ୟାୟ ଓ ଆକାଶ ରାଜାଭେଲୁ ୫ ଗେମ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ନେପାଳକୁ ହରାଇ ଦେଇଛନ୍ତି। ବାଳିକା ବିଭାଗର ୧୯ ବର୍ଷରୁ କମ୍ ଏକ ଅଲ-ଇଣ୍ଡିଆ ଫାଇନାଲରେ ଜେନିଫର ଭର୍ଗିଜ ଅନନ୍ୟା ମୁରଲୀଧରନଙ୍କୁ ପରାସ୍ତ କରିଥିବା ବେଳେ ଆହୋନା ରୟଙ୍କୁ ପରାସ୍ତ କରି ଅଙ୍କୋଲିକା ଚକ୍ରବର୍ତ୍ତୀ ୧୫ ବର୍ଷରୁ କମ୍ ଟାଇଟଲ ହାସଲ କରିଛନ୍ତି। ଭାରତ ଉଭୟ ବାଳିକା ଡବଲ୍ସ କାଟେଗୋରୀରେ କ୍ଲିନ ସୁଇପ୍ ହାସଲ କରିଛି। ମିକ୍ସଡ ଡବଲ୍ସ ଇଭେଣ୍ଟରେ ମଧ୍ୟ ଭାରତର ଆଧିପତ୍ୟ ଦେଖିବାକୁ ମିଳିଥିଲା। ପ୍ରିୟାଂଶୁ ଓ ଜେନିଫର ୧୯ ବର୍ଷରୁ କମ୍ ଫାଇନାଲ ଜିତିଥିବା ବେଳେ ଅଙ୍କୋଲିକା ଚକ୍ରବର୍ତ୍ତୀଙ୍କୁ ସାଥୀ କର ଆଦିତ୍ୟ ଦାସ ଗୋଟିଏ ହେଲେ ଗେମ୍ ନ ହାରି ୧୫ ବର୍ଷରୁ କମ୍ ଟାଇଟଲ ଜିତିଛନ୍ତି।

# ରାଜ୍ୟ ଅଣ୍ଡର ୧୯ ୟୁଥ୍ ପୁରୁଷ ଓ ମହିଳା ବକ୍ସିଂ ଦଳର ଗୌହାଟୀ ଯାତ୍ରା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଚଳିତ ଏପ୍ରିଲ ମାସ ୧୩ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୮ତମ ଅଣ୍ଡର ୧୯ ୟୁଥ୍ ପୁରୁଷ ଓ ମହିଳା ଜାତୀୟ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ରାଜ୍ୟର ୨୧ ( ପୁରୁଷ ୧୦ ଜଣ, ମହିଳା ୭ ଜଣ ଓ କୋଚ୍ ମ୍ୟାନେଜର ୨ ଜଣ ରେଫରୀ ଜଜ୍ ୧ ଜଣ ଏବଂ ଡିଟିଡି ୧ ଜଣ )ଜଣିଆ ବକ୍ସିଂ ଦଳ ଆସାମ ରାଜ୍ୟର ଗୌହାଟୀ ସହର ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ରାଜ୍ୟ ବକ୍ସିଂ ସଂଘର ସମ୍ପାଦକ ଅନିଲ ବୋହିଦାର ଜଣାଇଛନ୍ତି । ଏହି ପ୍ରତିଯୋଗିତା ଆସାମ ରାଜ୍ୟ ଗୌହାଟୀ ସହର ଠାରେ ବକ୍ସିଂ ଫେଡରେସନ ଅଫ ଇଣ୍ଡିଆ ଓ ଆସାମ ଅମେଚ୍ୟୁର ବକ୍ସିଂ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସମସ୍ତ ରାଜ୍ୟ ସମେତ ସମସ୍ତ ୟୁନିଟ୍ ଯୋଗ ଦେବେ।



ଓଡ଼ିଶା ରାଜ୍ୟର ଅଣ୍ଡର ୧୯ ୟୁଥ୍ ପୁରୁଷ ବକ୍ସର ମାନେ ହେଲେ ପ୍ରକାଶ ବାନାର୍ଜୀ, ଲୋକନାଥ ବେହେରା, ଈ ପ୍ରବୀଣ ରାଓ, ଅଂଶୁ ନାୟକ, ବସନ୍ତ କୁମାର ବେଜ, ବିଶ୍ୱଜିତ୍ ରାୟ, ପୁରୁଷୋତ୍ତମ ଜେନା, ଅଙ୍କୁଶ ସିଂ, ଶୁଭମ୍ ନାୟକ, ଅଖିଳେଶ ବେହେରା ତଥା ଅଣ୍ଡର ୧୯ ମହିଳା ବକ୍ସର ମାନେ ହେଲେ ଅର୍ଚ୍ଚିତା ପ୍ରଧାନ, ପ୍ରବୀଣ ବେହେରା, ବିଦ୍ୟା ନାୟକ , ପୂଜା ବେହେରା, ଯାଜ୍ଞସେନି ମହାରଣା , ଦୀପ୍ତି ରାଣୀ ଗୌଡ଼, ଶୁଭଲକ୍ଷ୍ମୀ ବେହେରା ଏବଂ କୋଚ୍ ମ୍ୟାନେଜର ଭାବେ ଯୋଗୀ ନନ୍ଦ ଓ ମାନସ ଜେନା ଆନ୍ତର୍ଜାତୀୟ ବକ୍ସିଂ ଜଜ ଓ ରେଫରି ଶିଶିର କୁମାର ପାଣିଗ୍ରାହୀ ଓ ଓଡ଼ିଶା ଆମେଚ୍ୟୁର ବକ୍ସିଂ ଆସୋସିଏସନ୍ ର ସେକ୍ରେଟାରୀ ଅନିଲ ବୋହିଦାର୍ ଆଦି ଯାତ୍ରା କରୁଛନ୍ତି।

ଏହି ଦଳ ଭଲ ଖେଳ ପ୍ରଦର୍ଶନ କରିବେ ବୋଲି ଆଶିର୍ବାଦ ବେହେରା, ଅଭିଜିତ ପାଲ, ଅଶୋକ କୁମାର ସାହୁ, ରାଜ୍ୟ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ରବିଶଙ୍କର ପ୍ରତିହାରି, କେ ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ କେ ନାୟକ, ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡାବିତ ଆଶା ପ୍ରକଟ କରିଛନ୍ତି।

# କାର୍ଯ୍ୟଭାର ଗ୍ରହଣ କଲେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବୌଦ୍ଧ ସ୍ଥିତ ଜିଲ୍ଲା ଯୋଜନା କାର୍ଯ୍ୟାଳୟରେ ଏହି ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ସହ ଜିଲ୍ଲା ପ୍ରଶାସନର ବିଭିନ୍ନ ଅଧିକାରୀ ଓ କାର୍ଯ୍ୟାଳୟର କର୍ମଚାରୀମାନେ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମୟରେ ବିଧାୟକ ଶ୍ରୀ ଡାଙ୍ଗ କହିଥିଲେ ଯେ ବୌଦ୍ଧ ଜିଲ୍ଲାର ସମଗ୍ର ଉନ୍ନତି, ଗ୍ରାମୀଣ ଅଞ୍ଚଳର ମୌଳିକ ସୁବିଧା ବୃଦ୍ଧି ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଠିକ୍‌ରୂପାୟଣ ପାଇଁ ସେ ପ୍ରାଥମିକତା ଦେବେ।ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ପ୍ରଶାସନ ସହ ସମନ୍ୱୟରେ କାମ କରିବାକୁ ସେ ପ୍ରତିବଦ୍ଧ ବୋଲି ମଧ୍ୟ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଯୋଜନା ଅଧିକାରୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟଭାର ଗ୍ରହଣ କଳାପରେ ବିଜେପିର ଜିଲ୍ଲାସଭାପତି ପ୍ରେମାନନ୍ଦ ମିଶ୍ର, ଉପସଭାପତି ସୁଶାନ୍ତ କୁମାର ବାଘ, ବୌଦ୍ଧ କେନ୍ଦ୍ରୀୟ ବ୍ୟାଙ୍କ୍‌ଭାପତି ଅରୁଣ ପ୍ରଧାନ, ପୂର୍ବତନ ଜିଲ୍ଲା ସଭାପତି, ବହିର ମଣ୍ଡଳ ସଭାପତି ଯୀଶୁ ପ୍ରଧାନଙ୍କ ସମେତ ବିଜେପି କର୍ମୀମାନେ ଉପସ୍ଥିତଥିଲେ ।

# ଚଟୁଅନକା ପିଏମଶ୍ରୀ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ

**କଣ୍ଟାବାଞ୍ଜି**
**ନ୍ୟୁଜ୍‌ବ୍ୟୁରୋ**

ତୁରେକେଲା ବ୍ଲକ ଅନ୍ତର୍ଗତ ଚଟୁଅନକା ପିଏମଶ୍ରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ଉତ୍ସବରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅନୀତା ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏବିଇଓ ଜଗବନ୍ଧୁ ମାଝୀ ମୁଖ୍ୟ ଅତିଥି, ହିଆଁଲ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ବକ୍ତା, ସରପଞ୍ଚ ଜ୍ଞାନ ରଞ୍ଜନ ତାଣ୍ଡୀ, ତୁରେକେଲା ବ୍ଲକ କ୍ରୀଡ଼ା ସମ୍ପାଦକ ଶୁଭେନ୍ଦୁ ମହାନ୍ତି, ପରିଚାଳନା କମିଟି ସଭାପତି ସହଦେବ ପନିକା, ଖେଳ ଶିକ୍ଷକ ଉପେନ୍ଦ୍ର ଚନ୍ଦନ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ସମସ୍ତଙ୍କ ପାଇଁ ଶାରୀରିକ ସୁସ୍ଥତା ଅତ୍ୟନ୍ତ ଜରୁରୀ ଏବଂ କ୍ରୀଡ଼ା ହେଉଛି ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିବାର ମାଧ୍ୟମ ବୋଲି ଅତିଥି ମାନେ ମତ ଦେଇଥିଲେ। ଖେଳ ଶିକ୍ଷକ ରାଜେନ୍ଦ୍ର ସେଠ ଛାତ୍ରଛାତ୍ରୀମାନଙ୍କୁ ଖେଳ ଖେଳେଇଥିଲେ।ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ପୁଚି, ଲମ୍ଫଡିଆଁ, ଗୋଲାଫିଙ୍ଗା, ଏକଶହ ମିଟର ଦୌଡ, ଦୁଇଶହ ମିଟର ଦୌଡ, ବେଙ୍ଗଡିଆଁ ଆଦି ପ୍ରତିଯୋଗିତା କରାଯାଇଥିଲା। ଶିକ୍ଷୟିତ୍ରୀ ଶ୍ୱେତା ବାଗ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସୁଶାନ୍ତ ରାଉତ, ପୁଷ୍ପାଞ୍ଜଳି ମହାପାତ୍ର, ବୈଜୟନ୍ତୀ ପାଢୀ, ପଦ୍ମାବତୀ ସାହୁ, ସୁରେଶ ବେହେରା, ପ୍ରବୀଣ ନାୟକ, ସୁଜାତା ଶବର, ତପସ୍ୱୀନି ମାଝୀ, ସରୋଜ ବରିହା, ସୁମିତ୍ରା ମାଝୀ ସହଯୋଗ କରିଥିଲେ।




# ସିଏମ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା କବାଡି, ଭଲିବଲ, ଖୋଖୋ ପ୍ରତିଯୋଗିତା -୨୬ ଉଦଘାଟିତ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ସଦରସ୍ଥିତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ସିଏମ ଟ୍ରଫି ଆନ୍ତଃ କ୍ଲବ ଓ ଆନ୍ତଃଜିଲ୍ଲା କବାଡି, ଭଲିବଲ, ଖୋଖୋ ପ୍ରତିଯୋଗିତା -୨୦୨୬, କ୍ରୀଡା ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ଜଗତସିଂହପୁର ସୌଜନ୍ୟରୁ ଉଦଘାଟିତ ହୋଇଯାଇଛି । ଜଗତସିଂହପୁରର ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜଗତସିଂହପୁରର ସାଂସଦ ବିଭୁ ପ୍ରସାଦ ତରାଇ ମୁଖ୍ୟ ଅତିଥି ଭାବରେ, ବାଲିକୁଦା -ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲ୍ଲା ପରିଷଦର ସଭାପତି ମନୋଜ କୁମାର ଭୋଇ, ଜିଲ୍ଲା କ୍ରୀଡା ସଂସଦର ସଭ୍ୟ ସାଧୁ ଚରଣ ମହାନ୍ତି ଏବଂ ପ୍ରସନ୍ନ କୁମାର ମହାନ୍ତି ସନମ୍ମାନୀୟ ଅତିଥି ଭାବରେ ଯୋଗଦେଇ କ୍ରୀଡ଼ାବିତ ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଅଲଣାହାଟ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସମ୍ପାଦକୀୟ ବିବରଣୀ ପାଠ ଓ ଉତ୍ସବର ଅଭିମୁଖ୍ୟ ପ୍ରଦାନ କରିଥିଲେ ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ଦୋଳଗୋବିନ୍ଦ ଦାଶ । ଜିଲ୍ଲାର କ୍ରୀଡା ଶିକ୍ଷକ ମାନେ ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ସିଏମ ଟ୍ରଫି ପ୍ରତିଯୋଗିତା ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପ୍ରତିଯୋଗିତାରେ ପ୍ରାୟତଃ ୪୦୦ ଜଣ ପ୍ରତିଯୋଗୀ ଯୋଗ ଦେଇଥିଲେ।

# ରାଜ୍ୟ ପେନସନର ସଂଘ ପକ୍ଷରୁ ସରକାରଙ୍କୁ ଦିଆଯିବ ସ୍ମାରକପତ୍ର

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୧ଏପ୍ରିଲ ଜାତୀୟଦାବି ଦିବସରେ ଯାଜପୁର ଜିଲ୍ଲାର ୧୦ଟିବ୍ଲକରେ ସ୍ମାରକପତ୍ରପ୍ରଦାନ କରିବେ ରାଜ୍ୟ ପେନସନର ସଙ୍ଘ ।ଧର୍ମଶାଳା ହଳଦିଆପଦା ଠାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା କମିଟି ବୈଠକରେ ଘୋଷଣା।

ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଯାଜପୁର ଜିଲ୍ଲା ଶାଖାର କାର୍ଯ୍ୟକାରୀ କମିଟି ସଭା ତା ୧୦.୪. ୨୦୨୬ରିଖ ହଳଦିଆପଦା ମା' ହଳଦିଶୁଣି ପୀଠ ଧର୍ମଶାଳା ଠାରେ ସାଥୀ ରବି ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭା ଆରମ୍ଭରେ ମୃତ୍ୟୁ ବରଣ କରିଥିବା ପେନସନର ଭାଇ ଭଉଣୀଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ମିନିଟ ନୀରବତା ଅବଲମ୍ବନ କରାଯାଇଥିଲା । ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ଅନ୍ତର୍ଗତ-ଧର୍ମଶାଳା, କଳିଙ୍ଗନଗର, କୋରେଇ- ରଗଡି, ଦକ୍ଷିଣ ବନ୍ଧ, ବରୀ, ବ୍ରହ୍ମବରଦା, ରସୁଲପୁର, ଅଙ୍ଗାଲୋ, ଦାନଗଦି, ଦଶରଥପୁର, କୁଆଖିଆ ଆଦି ଶାଖା ସଂଘ ଗୁଡିକର ପ୍ରତିନିଧି ମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ୨୧ ଏପ୍ରିଲ 'ଜାତୀୟ ଦାବି ଦିବସ' ପାଳନ ଅବସରରେ ୧୦ଟି ବ୍ଲକର ବିଡ଼ିଓଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ୧୦ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ୯ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପଠାଯିବା କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଜିଲ୍ଲା ସମ୍ପାଦକ ସାଥୀ ବିବେକାନନ୍ଦ ନାୟକଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ଉପସ୍ଥିତ ସଭ୍ୟମାନେ କରତାଳି ଦେଇ ସମର୍ଥନ ଜଣାଇଥିଲେ । ଆସନ୍ତା ମଇ ମାସ ୧୩, ୧୪ ଓ ୧୫ ତାରିଖ ୩ ଦିନଧରି ଭୁବନେଶ୍ୱର ଗାନ୍ଧୀ ମାର୍ଗ ଠାରେ ରାଜ୍ୟ ପେନସନର ମାନଙ୍କ କେନ୍ଦ୍ର ଅନୁରୂପ ଚିକିତ୍ସା ଭତ୍ତା ଓ ସ୍ୱାସ୍ଥ୍ୟ ବୀମା ଯୋଜନା, ପିଜିପିଏ ବିଭାଗର ପୁନଃ ସ୍ଥାପନ, ୬୫ ବର୍ଷରୁ ଅତିରିକ୍ତ ପେନସନ ଲାଗୁ, ପେନସନ ନିର୍ଦ୍ଧାରଣରେ ଥିବା ତ୍ରୁଟିକୁ 'ପେ-ମାଟ୍ରିକସ' ଆଧାରରେ ସଂଶୋଧନ ଓ କମୁଟେସନ ଦେୟର ଅବଧି ୧୦ବର୍ଷ ୮ ମାସକୁ ହ୍ରାସ ଆଦି ୯ଦଫା ଦାବି ଉପରେ ଧାରଣା କାର୍ଯ୍ୟକ୍ରମ । 'କର ଅବା ମର' ଦାୟରେ ୩ଦିନ ବ୍ୟାପୀ ଧାରଣାର ପ୍ରଥମ ଦିନ ଧାରଣାକୁ ସଂଗଠିତ କରିବାକୁ ଯାଜପୁର ଜିଲ୍ଲାକୁ ମୁଖ୍ୟ ଦାୟିତ୍ୱ ଦିଆଯାଇଛି । ମହାସଂଘର କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭାର ନିଷ୍ପତ୍ତିକୁ ଅତ୍ୟନ୍ତ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବାକୁ ମହାସଂଘର କାର୍ଯ୍ୟକାରୀ ଅଧ୍ୟକ୍ଷ ନିର୍ମଳ ଚାନ୍ଦ୍ର ଦାସଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବକୁ ସମର୍ଥନ ଜଣାଇ ଦାମୋଦର ପଣ୍ଡା, ଆଶାତରୁ ନାୟକ, ଆଦିକନ୍ଦ ସ୍ୱାଇଁ, ସୁରେନ୍ଦ୍ର କୁମାର ରାୟ, ଅର୍ଜୁନ ଦାସ, ଗନ୍ଧର୍ବ ଦାସ, ଲକ୍ଷ୍ମୀଧର ପାଢ଼ୀ, ହୃଷିକେଶ ବେହେରା, ଅଶୋକ କୁମାର ଦାସ, କୈଳାଶ ଚନ୍ଦ୍ର ସାମଲ, ବାଶନ୍ତି ଲତା ଦାସ, ସୁଧାଂଶୁ ଭୂଷଣ ମିଶ୍ର ଓ ବଳରାମ ଆୟଚ ବକ୍ତବ୍ୟ ରଖିବା ପରେ ସର୍ବସମ୍ମତ ଭାବେ ବୈଠକରେ ପ୍ରସ୍ତାବ ଗୃହୀତ କରାଯାଇଥିଲା । ଶେଷରେ ପୁରୁଷୋତ୍ତମ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

# ଗୋଟିଏ ଶ୍ରେଣୀଗୃହରେ ଚାଲିଛି ୬ଟି ଶ୍ରେଣୀ ସ୍କୁଲରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଦିଗପହଣ୍ଡି ବ୍ଲକ୍ ଚଷାନିମଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଶ୍ୟାମ ସୁନ୍ଦରପୁର ପଲ୍ଲୀ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକୀୟ ଶ୍ରେଣୀଗୃହ ଅଭାବ ପ୍ରତିବାଦରେ ସକାଳୁ ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଆନ୍ଦୋଳନ କରିଥିଲେ । ଶ୍ରେଣୀଗୃହ ଦିଅ ନଚେତ୍ ବିଦ୍ୟାଳୟରେ ପ୍ରବେଶ କରିବୁ ନାହିଁ ବୋଲି ଜିଦ୍ ଧରି ଦୀର୍ଘ ୫ ଘଣ୍ଟା ଆନ୍ଦୋଳନ କରିଥିଲେ । ୧୯୫୮ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ଶିଶୁ ବାଟିକା ଠାରୁ ଆରମ୍ଭ କରି ପଞ୍ଚମ ଶ୍ରେଣୀ ଯାଏଁ ୬୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରି ଆସୁଛନ୍ତି । ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବାକୁ ମାତ୍ର ୨ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି । ତେବେ ଏଠାରେ ଦୀର୍ଘ ବର୍ଷ ହେଲା ଶିକ୍ଷା ବିଭାଗ ଏବଂ ସ୍ଥାନୀୟ ବ୍ଲକ୍ ପ୍ରଶାସନର ଅବହେଳା କାରଣରୁ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ହୋଇପାରି ନାହିଁ । ଆବଶ୍ୟକ ଶ୍ରେଣୀଗୃହର ଅଭାବ ହେତୁ ଆଜିଯାଏଁ ୬ଟି ଶ୍ରେଣୀର ଛାତ୍ରଛାତ୍ରୀମାନେ ଗୋଟିଏ ଶ୍ରେଣୀ କକ୍ଷରେ ପାଠ ପଢ଼ି ଆସୁଛନ୍ତି । ଏନେଇ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧାପ୍ରାପ୍ତ ହୋଇ ଆସୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ବାରମ୍ୱାର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଏବଂ ବ୍ଲକ୍ କାର୍ଯ୍ୟାଳୟରେ ନୂତନ ଶ୍ରେଣୀ ଗୃହ ନିର୍ମାଣ ନିମନ୍ତେ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ସମସ୍ୟାର ସମାଧାନ କରିପାରିନାହିଁ । ପ୍ରତିବାଦରେ ଅଭିଭାବକମାନେ ମେଳି ବାନ୍ଧିଥିଲେ । ସକାଳ ୬ ଟାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଭିତରକୁ ପ୍ରବେଶ ନ କରି ଫାଟକ ସମ୍ମୁଖରେ ଆନ୍ଦୋଳନ କରିଥିଲେ । ଏପରିକି ସେମାନେ ଆମକୁ ଅଣ୍ଡା କିମ୍ବା ପୋଷାକ ଦରକାର ନାହିଁ ପାଠ ପଢ଼ିବା ପାଇଁ ନୂତନ ଶ୍ରେଣୀ କକ୍ଷ ଆବଶ୍ୟକ ବୋଲି ନାରାବାଜି ଲଗାଇବା ସହ ପୂର୍ବାହ୍ନ ୧୧ଟା ଯାଏଁ ଦୀର୍ଘ ୫ ଘଣ୍ଟା ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଖବର ପାଇ ଦିଗପହଣ୍ଡି ବ୍ଲକ୍ ଅତିରିକ୍ତ ବିଡ଼ିଓ ରମେଶ କୁମାର ସେଠୀ, ବ୍ଲକ୍ ସରକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ସେଠୀ, ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଅଶୋକ କୁମାର ଶତପଥୀ, ସହ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ବିଶ୍ରବା ପାଇକ ଏବଂ ପୋଲିସ ଟିମ୍ ସ୍କୁଲରେ ପହଞ୍ଚି ଆନ୍ଦୋଳନକାରୀ ଅଭିଭାବକଙ୍କ ସହ ଆଲୋଚନା କରି ଆନ୍ଦୋଳନ ପ୍ରତ୍ୟାହୃତ କରିବାକୁ ଅନୁରୋଧ କରିଥିଲେ । ନୂତନ ଗୃହ ନିର୍ମାଣ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଟେଣ୍ଡର ପ୍ରକ୍ରିୟା କରାଯାଇ ଆଗାମୀ ୭ ଦିନ ମଧ୍ୟରେ ନୂତନ ଶ୍ରେଣୀ ଗୃହର ନିର୍ମାଣ କାମ ଆରମ୍ଭ କରାଯାଇ ୨ରୁ ୩ ମାସ ମଧ୍ୟରେ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯିବ ବୋଲି ଶିକ୍ଷାବିଭାଗର ଅଧିକାରୀ ବୃନ୍ଦ ଓ ବ୍ଲକ୍ ପ୍ରଶାସନ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିବା ଜଣାପଡ଼ିଛି ।

# 'ଆମେ ଜାଣିବା ଆମ ବଜେଟ-୨୦୨୬' ସଚେତନତା କର୍ମଶାଳା



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଡିଟୋରିୟମ ହଲ ଠାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ 'ଆମେ ଜାଣିବା ଆମ ବଜେଟ ୨୦୨୬' ଉପରେ ଏକ କାର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହା ଓଡ଼ିଶା ସରକାରଙ୍କ ବାର୍ଷିକ-ବଜେଟ, ୨୦୨୬-୨୭ ନିମନ୍ତେ ସଚେତନତା କାର୍ମଶାଳା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର କମିଶନର ଭୂପେନ୍ଦ୍ର ସିଂ ପୁନିଆ ଓ ସମ୍ମାନୀତ ଅତିଥି ଭାବେ ବିଧାୟିକା, ବସ୍ତା, ସୁବାସିନୀ ଜେନା ଯୋଗ ଦେଇଥିଲେ । ତାଙ୍କ ସହିତ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାଏକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବାଲେଶ୍ୱର ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ, ବାଲେଶ୍ୱର ଶିବ ମାଳବ୍ୟ, ଉପ ଜିଲ୍ଲାପାଳ, ନୀଳଗିରି ଶୁଭଶ୍ରୀ ରଥ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ ଓ ଡେପୁଟି ଡାଇରେକ୍ଟର ପ୍ଲାନିଂ, ହେମନ୍ତ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ ଅଟକଳ କରାଯାଇଛି। ବାର୍ଷିକ ବଜେଟ୍, ୨୦୨୬-୨୭ ପାଇଁ ଶିକ୍ଷା କ୍ଷେତ୍ରରେ ୪୨,୫୬୫ କୋଟି ଟଙ୍କା, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୨୩,୧୮୨ କୋଟି ଟଙ୍କା, ସାମାଜିକ ସୁରକ୍ଷା କ୍ଷେତ୍ରରେ ୨୫,୨୦୮ କୋଟି ଟଙ୍କା, କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ୪୨,୪୯୨ କୋଟି ଟଙ୍କା, ଗ୍ରାମୀଣ ବିକାଶ କ୍ଷେତ୍ରରେ ୪୪,୩୦୯ କୋଟି ଟଙ୍କା, ନଗର ଉନ୍ନୟନ କ୍ଷେତ୍ରରେ ୧୦,୭୩୮ କୋଟି ଟଙ୍କା, ମହିଳା ସଶକ୍ତିକରଣ କ୍ଷେତ୍ରରେ ୧୮,୯୫୭ କୋଟି ଟଙ୍କା, କ୍ରୀଡା କ୍ଷେତ୍ରରେ ୧,୪୦୦ କୋଟି ଟଙ୍କାର ବଜେଟ ଅଟକଳ ହୋଇଥିବା ବେଳେ ଆହୁରି ଅନେକ ଦିଗ ଉପରେ ଧ୍ୟାନ ରଖାଯାଇଛି । ଏଠାରେ ସରକାରୀ ଓ ଶିଳ୍ପ ସଂସ୍ଥାର ଅଧିକାରୀ ମାନେ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ମାନେ ଏବଂ ବୁଦ୍ଧିଜୀବୀ ଗଣ ଏହି ବଜେଟ ଉପରେ ନିଜର ମତାମତ ରଖିବା ସହିତ ବାଲେଶ୍ୱର ଜିଲ୍ଲାର ଉନ୍ନତି ପାଇଁ ବଜେଟ ରେ ସ୍ଥାନ ଦେବା ପାଇଁ ସଚିବଙ୍କୁ ପରାମର୍ଶ ଦେଇଥିଲେ।

## ଚାଷୀଙ୍କ ଠାରୁ ୧୦ ହଜାର ଲାଞ୍ଚ ମାଗିବା ପଡ଼ିଲା ମହଙ୍ଗା

# ୩ ଲାଞ୍ଚୁଆ ଆୟକର ଅଧିକାରୀଙ୍କ ନାଁରେ ମାମଲା ରୁଜୁ କଲା ସିବିଆଇ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପାନ୍ କାର୍ଡ ଅଚଳ କରିବାକୁ ଜଣେ ଚାଷୀଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିବା ମହଙ୍ଗା ପଡ଼ିଛି ଆୟକର ବିଭାଗର ୩ ଅଧିକାରୀଙ୍କୁ। ସିବିଆଇ ୩ ଜଣଙ୍କ ନାଁରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସେମାନେ ହେଲେ ଆୟକର ଇନ୍ସପେକ୍ଟର ଟି. ସତ୍ୟନାରାୟଣ ରାଓ, କିରାଣି ଭୀମସେନ୍ ବାରିକ ଓ ଡାଟାଏଣ୍ଟ୍ରି ଅପରେଟ କୁମାର ସମରେଶ।

ଏୟାରଫିଲ୍ଡ ଥାନା ବାରକୁଦା ଗାଁର ରହୁଛନ୍ତି ଚାଷୀ ସୁବାଷ ଚନ୍ଦ୍ର ସାହୁ (୫୦)। କିଛିଦିନ ତଳେ ସେ ଆଧାର ସହ ପାନ୍ କାର୍ଡ ଲିଙ୍କ୍ କରାଇବାକୁ ଯାଇଥିଲେ। ସେଠାରେ ଜଣାପଡ଼ିଥିଲା ଆଧାର କାର୍ଡରେ ସୁବାଷଙ୍କ ବାପାଙ୍କ ନା ଯୋଗୀ ସାହୁ ଓ ପାନ୍ କାର୍ଡରେ ଯୋଗେନ୍ଦ୍ର ସାହୁ ଅଛି। ସେ ଏହି ତ୍ରୁଟିକୁ ସୁଧାରିବା ବଦଳରେ ସେ ନୂଆ ପାନ୍ କାର୍ଡ ଆବେଦନ କରିଥିଲେ। ନୂଆ ପାନ୍ କାର୍ଡ ମିଳିଗଲା। ୨ଟି ପାନ୍ କାର୍ଡ ରଖିବା ଅପରାଧ ବୋଲି ସେ ଜାଣି ନଥିଲେ। ଦିନେ ସେ ଟଙ୍କା ଉଠାଇବାକୁ ବ୍ୟାଙ୍କ୍‌କୁ ଯାଇଥିଲେ। ହେଲେ ସେଠାରେ କୌଣସି କାରବାର କରି ପାରିନଥିଲେ। ୨ଟି ପାନ୍ କାର୍ଡ ଥିବାରୁ ଏମିତି ସମସ୍ୟା ହେଉଛି ବୋଲି ବ୍ୟାଙ୍କ କର୍ମଚାରୀ କହିଥିଲେ। ଆୟକର ବିଭାଗ ଅଫିସ୍ ଯାଇ ଗୋଟିଏ ପାନ୍ କାର୍ଡ(ପୁରୁଣା)କୁ ଅଚଳ କରିବାକୁ ବ୍ୟାଙ୍କ କର୍ମଚାରୀ ତାଙ୍କ ପରାମର୍ଶ ଦେଇଥିଲେ।

ସୁବାଷ ଆୟକର ବିଭାଗ ଅଫିସ୍‌କୁ ଯାଇ ପ୍ରଥମେ ଡାଟା ଏଣ୍ଟ୍ରି ଅପରେଟର ସମରେଶଙ୍କୁ ଭେଟି ଘଟଣା ବିଷୟରେ ଜଣାଇଥିଲେ। ସମରେଶ ତାଙ୍କୁ କିରାଣି ଭୀମସେନଙ୍କ ପାଖକୁ ନେଇଥିଲେ। ଦୁଇ ଜଣ ତାଙ୍କୁ କହିଥିଲେ ୨ ହଜାର ଟଙ୍କା ଦେଲ ପୁରୁଣା ପାନ୍ କାର୍ଡ ଅଚଳ ହେବ। ତେବେ ପାଖରେ ଟଙ୍କା ନଥିବାରୁ ସୁବାଷ ବଡ଼ ବାବୁଙ୍କୁ ଭେଟିବାକୁ କହିଥିଲେ। ଦୁଇ ଜଣ ତାଙ୍କୁ ଧରି ଇନ୍ସପେକ୍ଟର ଟି. ସତ୍ୟନାରାୟଣଙ୍କ ପାଖକୁ ନେଇଥିଲେ। ସବୁ ଶୁଣିବା ପରେ ସତ୍ୟନାରାୟଣ ୧୦ ହଜାର ଟଙ୍କା ଦାବି କରିଥିଲେ। ଏମିତିକି ତାଙ୍କ ଅବେଦନ ଫର୍ମ ରଖିବାକୁ ମଧ୍ୟ ମନା କରି ଦେଇଥିଲେ। ହେଲେ ତାଙ୍କ ଟେବୁଲ୍ ଉପରେ ସୁବାଷ ଚିଠି ରଖି ପଳାଇ ଆସିଥିଲେ। ପରେ ସେ ଏନେଇ ସିବିଆଇକୁ ଜଣାଇଥିଲେ। ସିବିଆଇ ୩ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

